# ପିଲାଙ୍କ କଥା
## (ଡିଡାୟୀ)
## ପ୍ରଥମ ଭାଗ



# ପିଲାଙ୍କ କଥା (ଡିଡାୟୀ)

## ପ୍ରଥମ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଡିଡାୟୀ ସଂସାଧକ ମଣ୍ଡଳୀ
ଶ୍ରୀ ସୁବାଷ ମୁଦୁଲି
ଶ୍ରୀ ଶୁଣ୍ଡି ବିଶୋଇ
ଶ୍ରୀ ବଳରାମ ଛଲାଣ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Didai Resource Group**
**Sri Subash Muduli**
**Sri Sundi Bisoi**
**Sri Balaram Challan**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଡିଡାୟୀ ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ଗୁଆଁ ତୋନା (ସାତ ଭଉଣୀ)

ମୁଇଙ୍ଗ ଇନି ଡକରା ଡକରି ଲାଗେ । ସିଲ ବାନାର ଛେ ବୃଆଃ ଡିଙ୍ଗ ଆର ଗେ । ଞ ସା ମେ ଡୁଙ୍ଗ ଓ୍ୱି ଲା ଡିଗ ଛା ଆମିଆ କେ ଣ୍ଡୁ । ମେଷୁଆ ଡକରା ବାବେ ଛେ ବୁଦ୍ଧି ପାଇଞ୍ଜେ କେ । ମେଲା ଡିଗ ଛା ଆଡିଙ୍କେ । ଦେକ ଡିଙ୍ଗ ଲା ଡି ଡିଙ୍ଗ ହେ । ମେନେ ଡାକରି କେ ବାସଙ୍ଗ ନେ୍କ । ଡି ନେଡିଙ୍ଗ । ଆନେଙ୍ଗ ବଲେ ନ୍ତୁରିଆ ଛା ଆଡିଙ୍ଗ କେ । ସୁଲେ ବିଶେ ଆଡିଙ୍କେ । ଆକେଂ ସେଲାମ୍ଭୁଏ କେ କଣ୍ଡା ବା ରାଙ୍ଗ ଓ୍ୱେ ଛେ ଆତାର ନେବି । ତେଲାଲେ ଡକରା ଡକରି ନିମା ଲେ ଡିଙ୍ଗ ହୋ । ନାନେ ଇଛା ନା ଡିଡି ନାଡିଙ୍ଗ ହେ । ଡାକ ଛେ ବାସଙ୍କେ ।



ଗୋଟିଏ ଗାଁରେ ବୁଢ଼ାବୁଢ଼ୀ ଥିଲେ । ସେମାନଙ୍କର ସାତ ଝିଅ । ସେମାନେ ଦିନ ମଜୁରୀ କରି ଚଳନ୍ତି । ଖାଇବାକୁ ଯାହା ଆଣିଲେ ବି ନିଅଣ୍ଟ ହୁଏ । ବୁଢ଼ା ଦିନେ ବିଚାର କରି ଗୋଟେ ଉପାୟ ପାଞ୍ଚିଲା । ଯାହା ହେଲେ ବି ଅଣ୍ଟୁ ନାହିଁ । ଏମିତି ହେଲେ କେମିତି କ'ଣ ହେବ ? ସେ ତା'ର ବୁଢ଼ୀକୁ ଡାକି କହିଲା 'ବୁଢ଼ୀ' କେମିତି କ'ଣ କରିବା ? ଆମକୁ ଭାତ ପେଜ ଅଣ୍ଟୁ ନାହିଁ । ପେଟ ପୁରୁ ନାହିଁ । ଏ ଝିଅ ମାନଙ୍କୁ ବଣରେ ନେଇ ଛାଡ଼ିଦେ । ତାହାଲେ ଆମେ ବୁଢ଼ା ବୁଢ଼ୀ ଭଲରେ ଖାଇ ପାରିବା । ବୁଢ଼ୀ କହିଲା "ତୋର ଇଛା, କେମିତି କଣ କରିବୁ କର" ।

ଡକରା ଡକରି ଚିନ୍ତା ଡିଙ୍ଗ ଆରକେ ଯେ ସ୍ଲାମ୍ବେ ଗଡ଼େଙ୍ଗ କେ ଆନତାର ସା ଡକରା କଣ୍ଡା ରୁନି ଲାମ୍ଵ ମଞ୍ଜି ଡୁଙ୍ଗ ଉଇକ କେ । ବାଃ ଆନେ କଶା ନ୍ତୁକ ଲାମ୍ଵ ଚୁଚ୍ଚୁ ବଛେ ଗଡେଙ୍ଗ କେ ଉଆକେ । "ନୁନିଇଂ ନେଙ୍ଗ ବାଃ ନ୍ତୁକ ଘିଶି ଲାକେ ଆରି ବାଗୁୟେ ବେ ପାଃ । ଗଡେଙ୍ଗ ଇଂ ବାସାଙ୍ଗ ଆରକେ "ଆଲେ ଆବା ବାଗୁଓ୍ୱେ ନେବେ ଏ । ଗଡେଙ୍ଗ ଇଁ ବାଗୁୟେ କେଲା ମୁଇଙ୍ଗ ଛୁ ଛୁ ମୁଇଙ୍ଗ ଆଣ୍ଡ୍ରି ଲକେଃ । ଗଡେଙ୍ଗ ଇଂ ବାଡାକେ ସେଲା କୁକ ଆରକେ ଆବା ଆକାନେ ଛୁ ଛୁ ଲେଃ ଆରି ମାନେ ? ଅହ୍ନ ଆକାନେ ଚଙ୍ଗ ନେ ଛୁ ଛୁ, ଡକରା ନେ ସାମୁଆ ଦ୍ରିଗ ଛେ ମେଇଙ୍ଗ ଉତିନ ଛୁ ଛୁ କେ ଚଙ୍ଗ ଆରକେ । ଆକେନ ଛୁ ଛୁ ମାଣ୍ଡ ମିରା ଲାକେ, ଆକେନେ ଛୁଛୁ ଡୁଙ୍ଗ ନିଉଇଗ ପାଡାକଚେ ତାରଓ୍ୱେ ଆରକେ । ଡକରା ମାନେ ଗଡ଼େଅଃ ଇଙ୍କେ ଗିସେଙ୍ଗ ବାଗୁଏ ଛେ ମାଣ୍ଡ ଆଚଙ୍ଗ ଆଉଗ କେ, ମାଣ୍ଡା ସକାପଟା ଆସକେ, ଆରି ମେଇଙ୍ଗ କେ କଣ୍ଡା ବିତରେ ଉଆ ରାଙ୍ଗ ଓ୍ୱେକେ । ଗଡ଼େଙ୍ଗ ଇଂ ବାଡା କେ ସେଲାକୁକ ଆରକେ, ଯେ ଆବା ଛୁ ଛୁ ଆଣ୍ଡି ଡାଗ୍ରା ଲାକେ ?



ବୁଢ଼ା ବୁଢ଼ୀ ସ୍ଥିର କଲେ, ଝିଅ ମାନଙ୍କୁ ନେଇ ଜଙ୍ଗଲରେ ଛାଡ଼ିଦେବା ପାଇଁ । ବୁଢ଼ା ବାହାରିଗଲା ପର୍ବତ ପାଖକୁ, ଶିଆଳି ମଞ୍ଜିଟିଏ ଆଣିଲା । ମୁଣ୍ଡ ବାଳ ଜୁଡ଼ା ରେ ଶିଆଳି ମଞ୍ଜି ରଖି ତାର ଝିଅ ମାନଙ୍କୁ ଡାକିଲା । 'ନନି' ମୋ ମୁଣ୍ଡରେ ଉକୁଣି ଅଛି ତାକୁ ମାରିଦେବୁ ।" ପିଲାଏ କହିଲେ, "ହଁ, ବାପା ମାରିଦେବୁ" । ପିଲାମାନେ ମୁଣ୍ଡ ଦେଖୁ ଦେଖୁ ମଞ୍ଜିଟି ତଳେ ପଡ଼ିଗଲା । ପିଲାଏ ପଚାରିଲେ ବାପା ଏଇଟା ଖାଇବା ଫଳ କି କ'ଣ ?" "ହଁ ଏଇଟା ଖାଇବା ଫଳ" । ବୁଢ଼ାର ଉତ୍ତର ଶୁଣି ସେମାନେ ଫଳକୁ ଖାଇଲେ । " ଏ ଫଳ ଏତେ ମିଠା, ଏ ଫଳ ଆମେ ଆଣିବାକୁ ଯିବା," କହି ବାହାରିଲେ । ବୁଢ଼ା କୁକୁଡ଼ା ମାରିଲା, ତା'ର ପିଲାମାନଙ୍କୁ ଭଲ କରି ଖାଇବାକୁ ଦେଲା, ଭଲ ଶାଢ଼ିପଟା ପିନ୍ଧାଇଲା, ତାପରେ ଜଙ୍ଗଲ ଭିତରକୁ ଡାକିନେଲା । ଝିଅମାନେ ପଚାରିଲେ "ବାପା, ଏ ଫଳ କେଉଁଠି ଅଛି ?

ପିଲାଙ୍କ କଥା

**ଡକରା ବାସଙ୍ଗ କେ, "ଉତିନେ ଜବର ସ୍ଲ ଲାକେ । ଆରି ଉଡି ସ୍ଲ ଉଏକେ ପଛେ ଡକରା ସ୍ଲାମ୍ବୁଏ ଗଡ଼େଙ୍ଗ କେ କଣ୍ଡା ମଜାଏ ଆନ୍ତର ଛେ ଡୁଆ ଲାଗଡକେ । ଗଡ଼େଙ୍ଗ ଇଂ ଛୁ ଛୁ ତୁର ତୁର ଯବର ସ୍ଲ ଗାଳି ଓ୍ୱେ ଆରଗେ । ଦେକ କେ ଓ୍ୱଲେଙ୍ଗ ଲାକେ ପଛେ ସିନ୍ନ ଯବର ନାସେଙ୍ଗ ଲା ସାପା ରୁନି ଡାଃଆଃ ବ୍ଲୁଙ୍ଗଡ଼ା କେ ଯବର ଉଗଡିଆ ଡକେ, ଣ୍ଡିଆ ଈକୁଡା ବିଳାପା ଡାକଚେ ମାନେ ମେନା ତନାଣ୍ଡା କେ ବାସଙ୍ଗ କେ । ମେନା ତନାଣ୍ଡା ବାସଙ୍ଗ କେ ଣ୍ଡିଆ ଆଣ୍ଡି ଡ଼ାଗ୍ରା ଲାକେ ଆନେଗ ଜାନା ଣ୍ଡୁ । ନେଙ୍ଗ ଆଣ୍ଡି ରୁନି ଣ୍ଡିଆ ୟୀ ଏ ? ଯବର ଉଗଡିଆ ଡୋ ଲା ଡାଆଃ ବୁଲୁଙ୍ଗ ଡା ଅ ଅ କେ । ଲାମ୍ବ ଛୁଛୁ ଟଙ୍ଗ ଟଙ୍ଗ ଛେ ଆତୁଆ ଲେଗ ବେ ଆରକେ ।**



ବୁଢ଼ା କହିଲା, " ବହୁତ ଦୂରରେ ।" କିଛି ବାଟ ଗଲାପରେ ବୁଢ଼ା ଝିଅମାନଙ୍କୁ ଜଙ୍ଗଲ ଭିତରେ ଛାଡ଼ି ପଳାଇ ଆସିଲା । ଝିଅମାନେ ଶିଆଳି ଫଳ ଖୋଜି ଖୋଜି ଅନେକ ଦୂରକୁ ଚାଲିଗଲେ । ଯେତେବେଳେ ଖରା ତେଜ ବଢ଼ିଲା, ସବା ସାନ ଭଉଣୀକୁ ଶୋଷ ଲାଗିଲା । ମୋତେ ବହୁତ ଶୋଷ ହେଲାଣି । ପାଣିଟିକେ ଦେ' ବୋଲି ସେ ତା' ବଡ଼ ଭଉଣୀକୁ କହିଲା । କେଉଁ ଯାଗାରେ ପାଣି ଅଛି, ମୁଁ ବି ଜାଣିନାହିଁ । ମୁଁ କେଉଁଠାରୁ ଦେବି ।" ବହୁତ ଶୋଷ ହେବାରୁ ସାନ ଭଉଣୀ ପାଣି ପାଇଁ କାନ୍ଦିଲା । ଶିଆଳି ମଞ୍ଜି ଖାଇ ଖାଇ ସେଇଠି ସେମାନେ ଶୋଇ ପଡ଼ିଲେ ।

ମିଣ୍ଡିଗ୍ ଡିଙ୍ଗି ଛେ ତାରାଲା ମେଇଙ୍ଗ ତଡିଆରଗେ । ଦେତ ୱ୍ୱେଲେଙ୍ଗ ୱ୍ୱେଲେଙ୍ଗ ସାଦବ ରାଜା ଦେଶ ନ୍ତୁକ ୱ୍ୱେଚା ଆରକେ । ଉତିନ ଦେଶ ଡାଗ୍ରା ୱ୍ୱେଛା ଛେ ଡାଆଃ ବ୍ଲୁଙ୍ଗଡା ମୁଇଙ୍ଗ କଣ୍ଡା ଆଡାତ୍ରା ୱ୍ୱେଚେ କେ କେ କେ । ମିଉଙ୍ଗ ବନ୍ଦ ନ୍ତୁକ ଣ୍ଡିଆ ଲାକେ । ଣ୍ଡିଆ ଉଗନେ ଇନସା ସାପା ରେ ୱ୍ୱେ ଆରକେ । ଉଡିବେଲା ଉତିନ ବନ୍ଦ ନ୍ତୁକ ୱ୍ୱେଚା ଆରକେ ଉତିନ ବେଲା ବନ୍ଦ ନେ ଣ୍ଡିଆ ବୁଡି ୱ୍ୱେଗେ । ଉତିନେ ଣ୍ଡିଆ ଣ୍ଡୁ ଉତିନେ ମୁଇଙ୍ଗ ଗଳିଆ ସିଆଃରେ । ଆଟ ଡ଼ାଗ୍ରା ମେଇଙ୍ଗ ଯବର ଅରବର ଡିଙ୍ଗ ଆରକେ । ମା ନେଡିଙ୍ଗ ପା, ଆନେ କେଛେ ଣ୍ଡିଆ ଆଣ୍ଡି ୱ୍ୱେଗେ । ମେନେ ତନଣ୍ଡା “ବାସଙ୍ଗ କେ ଲାଲା ପା, ନେଙ୍ଗ ନେ ୱ୍ୱାରତି ନେ ଯ କ୍ଲିକ ପା ତାହାହେଲେ ଣ୍ଡିଆ ତାର ୱ୍ୱେ ।



ରାତି ପାହି ସକାଳ ହେବାରୁ ସେମାନେ ଉଠିଲେ । ଏମିତି ବୁଲୁବୁଲୁ ସାଧବ ରାଜାର ଦେଶକୁ ଚାଲି ଗଲେ । ସେ ଦେଶରେ ପହଂଚି ସାନ ଭଉଣୀ ପାଣି ପାଇଁ ଗୋଟିଏ ଉଚ୍ଚ ଯାଗାକୁ ଗଲା । ସେଠି ଗୋଟିଏ ଡଙ୍ଗରକୁ ଯାଇ ଦେଖିଲା, ଏକ ବନ୍ଧ ଯାଗାରେ ପାଣି ଅଛି । ପାଣି ପିଇବା ପାଇଁ ସାତ ଭଉଣୀ ଯାକ ସିଧା ମାଡ଼ିଗଲେ । ମାତ୍ର ବନ୍ଧ ପାଖରେ ଯାଇ ପହଂଚିଲାବେଳକୁ ସେଠାର ଥିବା ପାଣି ଲୁଚିଗଲା । ତାହା ପାଣି ନଥିଲା, ଭୂତ ଥିଲା । ସେମାନେ ସେଠାରେ ଭାରି ହଇରାଣ ହେଲେ । କଣ କରିବା, ଆମକୁ ଦେଖି ପାଣି ହଟିଗଲା ! ବଡ଼ ଭଉଣୀ କହିଲା “ ରୁହ, ମୁଁ ମୋର ମୁଦି ଫିଙ୍ଗି ଦେଲେ ସେଠାରୁ ପାଣି ବାହାରିବ, ତା’ ପରେ  ଆମେ ପିଇବା ।”

ପଛେ ନେ ନେଉଗ୍ ପାଃ । ଡାଆଁ ବ୍ଲୁଙ୍ଗଣ୍ଡା ବାସଙ୍କେ ଣ୍ଡୁ ତନାଇଙ୍ଗ୍ ନେଗନେ ଓ୍ୱାରତି ଯକନେ ତେଲିଙ୍ଗ୍ ପାଃ । ମ୍ନା ଭାଏଡ଼ା ବାସଙ୍କେ ଯେ ଣ୍ଡୁ ଣ୍ଡୁ ନାନେ ଓ୍ୱାରତି ନେ ଜକଲିକ୍ ପାଃ । ନା ଆରି ନା ସେଲିଆଏ । ନେଙ୍ଗ୍ ଆଣ୍ଡି ରୁନି ଡୁଙ୍ଗ୍ ପାଙ୍ଗ୍ଏ । ସାମୁଆ ଆସା ଛେ ତନଣ୍ଡା ଓ୍ୱାରତି ଜକଲିଗ୍ ବିକେ । ପଛେ ଣ୍ଡିଆ ତାରଲା ସାପା ରେମୋଃ ଣ୍ଡିଆ ଉଗ୍ ଆରକେ । ଡାଆଁ ତନାଣ୍ଡା ଓ୍ୱାରତି ସେଲାକେ ନେଙ୍ଗ୍ ତ ସାଃ ରୁନି ଆନା ନାମଃ ଣ୍ଡାଗ୍ କେ । ନାତ ନାଜକଲିକ୍ କେଃ । ନେଙ୍ଗ ଆରି ମେ ଡିଙ୍ଗ୍ ଓ୍ୱେ । ଆନାଃ ଆଣ୍ଡିରୁନି ରାଙ୍ଗ୍ ପାଙ୍ଗ୍ ୟି ଓ୍ୱେଃ । ଭତିନ ସାଃ ମେନା ଭାଏଡ଼ା ଣ୍ଡିଆ ଭିତ୍ରେ ଗାକେ ଆରି ପାଚାରେକେ "ତନାଇଁଙ୍ଗ୍ ଫେଁନେ ଓ୍ୱାରତି ଦରକାର ଲେଃ ଆନେଙ୍ଗ୍ କେ ଆଶା" ଉଡିବେଳା ମେଙ୍ଗ୍ନେ ତନଣ୍ଡା ଣ୍ଡିଆ ଭିତରେ ଗାଆଃ ଓ୍ୱଃଗେ ।



ସାନ ଭଉଣୀ କହିଲା, "ନାଇଁ ଭଉଣୀ ମୋର ମୁଦି ପକାଇବା" । ବଡ଼ କହିଲା, ନା, ନା, ତୋ ମୁଦି ପକାଇବା ନାହିଁ । ତୁ ପୁଣି ମାଗିବୁ, ମୁଁ କୋଉଠୁଁ ଆଣିଦେବି" । କଥା ନ ମାନି ସାନ ଭଉଣୀ ମୁଦି ପକାଇଦେଲା । ପାଣି ବାହାରିଲା, ସମସ୍ତେ ପିଇଲେ । ସାନ ଭଉଣୀ ମୁଦି ମାଗିଲା । ବଡ଼ ଭଉଣୀ କହିଲା "ମୁଁ ତ ତୋତେ ଆଗରୁ ମନା କରିଥିଲି, ତୁ ତ ପକାଇଲୁ, ମୁଁ ଏବେ କେଁଉଠୁ ଆଣି ଦେବି" । ତଥାପି ବଡ଼ ଭଉଣୀ ପାଣି ଭିତରେ ପଶି ପଚାରିଲା "ଭଉଣୀ ମାନେ ତୁମର ମୁଦିକୁ ଆଶା ନା ମୋତେ ଆଶା" । ଯେତେବେଳେ ବଡ଼ ଭଉଣୀ ପାଣି ଭିତରେ ବୁଡ଼ିଗଲା,

**ଗୋଲିଆଁ ୱ୍ଵାରତି କେ ଆନ୍ତି ଜକଲିକ୍ ଛେ ଆରି ମେନେ ତନାଣ୍ଡା କେ ପାତାଳପୁର ଡୁଙ୍ ୱ୍ୱେଃ ଆରଗେ । ତେଲା ଏବେ ତୁର୍ଡ଼ା ତନାଇଁ କୁଡେ ଛେ ଅଁ ଅଁ ଆରକେ । ସାପାରେମାଃ ଡାଆଁ ବ୍ଲଙ୍ଗଡା କେ କୁଡ଼େଛେ ଉଇଙ୍ ଆରକେ । ଆରି ବଗ୍ ଧାରକେ । ଉତିନ ପଛେ ସାପା ରେମାଃ ଓଅଃ ଓଅଃ ଛେ ମୁଇଙ୍ଗ ସ୍ଲ ଡାଟୋ ଲେଗବେଃ ଆରଗେ । ଲେଗ୍ ତଡ଼ିଆକେ ପଛେ ମେଇଙ୍ କେ ଯବର କେଡେଶ କେଃ । ଆତ୍ ଡାଗ୍ରା ସାଧବ ରାଜା ନେ ରେମୁଆଃ ଇଙ୍ ଚଇତ ପାଣ୍ଡୁୱ୍ୱେ ଡିଙ୍ ଡିଙ୍ ଆରଗେ । ପାଣ୍ଡୁୱ୍ୱେ ଚାଙ୍ଗନେ ପଛେ ଇନିଁ ନେ ସାପା ରେମାଃ ରାଜା ଏତେ ବେଟ୍ ୱ୍ଵେଲେଙ୍ ସାଃ ୱ୍ୱେ ଆରଗେ । ଜନ୍ତୁ, ପ୍ଲିଗ୍ କଣ୍ଡା ନ୍ତୁଂ ମୁଇଙ୍ ଣ୍ଡିଗ୍ ଆକେଃ ଆରକେ ।**



ଭୂତ କଣ କଲା ନା ମୁଦିକୁ ଉପରକୁ ଫିଙ୍ଗିଦେଲା ଏବଂ ବଡ଼ ଭଉଣୀକୁ ଧରି କରି ପାତାଳ ପୁର ନେଇଗଲା । ଏବେ ଛଅ ଭଉଣୀ ଯାକ ମିଶିକରି କାନ୍ଦିଲେ । ସମସ୍ତେ ସାନ ଭଉଣୀକୁ ଗାଳି କଲେ, ମାରିଲେ । ତାପରେ କାନ୍ଦି କାନ୍ଦି ସମସ୍ତେ ଗୋଟିଏ ଗଛ ଉପରେ ଚଢ଼ି ଶୋଇଗଲେ । ଉଠିଲା ପରେ ସେମାନଙ୍କୁ ବହୁତ ଭୋକହେଲା । ସେ ସମୟରେ ସାଧବ ରାଜାର ଲୋକମାନେ ଚଇତି ପର୍ବ ପାଳନ କରୁଥିଲେ । ପରବରେ ଖାଇବା ପରେ ସବୁ ଲୋକମାନେ ରାଜାଙ୍କ ସହ ବେଂଟ ବୁଲିବାକୁ ଗଲେ । ଜଙ୍ଗଲରେ ବୁଲିଲେ ସିନା ଜନ୍ତୁ କିଛି ଦେଖିଲେ ନାହିଁ ।

ଗୋଃ ପେ ଡିଙ୍ କେ କି । ରାଜା ବାସଙ୍କେ "ବୟାଃ ଇଙ୍ ନେଙ୍ ପ୍ରେର୍ ସ୍ଲା ବୁନ୍ଧେ ଣ୍ଡୁଲେର୍ ଏଃ । ପଛେ ନେ ସାପାରେ ଓ୍ୱଲେଙ୍ ଛେ ନିଃ ଉଇଗ ପା" । ଲା ଗେନେ ଚାଡେଙ୍ନେଃ ମେଙ୍ ନେଃ ମୁଆଁଃ ରୁଣି ଡେମୁଃଆ ଜରେ ଟୋ ରାଜା ଆଡାତ୍ରା ଲଃକେ । ରାଜା ତଡିଆଃକେ, ପାଚାରେ କେ "ଆକାନେ ଣ୍ଡିଆ ଆଣ୍ଡିନେଃ ପାଙ୍କେ ? ଆକାନେଃ ମୁଆଁଃନେ ଣ୍ଡିଆ ଡିଙ୍ଲାଲା ଚାଲିଲା ଭିତିକ୍ ଡିଆଃ ଭିତିକ୍ ଡିଆଃ ଲାଗେଏ । ମେଙ୍ହିଁ ରାଜାକେ ବାସଙ୍ ଆରକେ୍ । ରାଜା ଦୂତ କେଂ ଆଦେଶ୍ ବିକେ ଯେ ସ୍ଲା ଡାଚେ କୋଲାପାଃ । ଦୂତ ହିଁ ସ୍ଲା ଡାଚୋ କେ ଆରକେ, ଯେ ସ୍ଲା ଆଡାତ୍ରା ତୁର୍ଡା ସ୍ଲାମ୍ବଓ୍ୱେ ଗଡେଙ୍ଗଇଁ ଲା ଆରକେ । ଆଃରେ ନୁନିଃ ଇଁଙ୍ ପେ ଆଣ୍ଡି ଦେଶ୍ନେ ରେମୁଆଃ ଇଁଙ୍ ।



ଶିକାର ହେଲା ନାହିଁ । ରାଜା କହିଲେ, "ଭାଇମାନେ, ମୁଁ ଗଛ ମୂଳରେ ଟିକେ ଶୋଇବି, ତାପରେ ଆମେ ବୁଲିକରି ଫେରିଯିବା" । ରାଜା ଗଛତଳେ ଶୋଇଲେ । ଗଛ ଉପରେ ଯେଉଁ ଝିଅ ମାନେ ଥିଲେ ସେମାନଙ୍କର ଆଖିର ଲୁହ ରାଜାଙ୍କ ଉପରେ ପଡ଼ିଲା । ରାଜା ଉଠି, ପଚାରିଲେ "ଏ ପାଣି କେଉଁଠୁ ଆସିଲା ? ଲୋକମାନେ ରାଜାଙ୍କୁ କହିଲେ ଦେଖନ୍ତୁ, ଏ ଯଦି ଆଖିର ଲୁହ ହୋଇଥିବ ତେବେ ଚାଖିଲେ ଲୁଣିଆ ଲାଗିବ । ଲୁଣିଆ ଲାଗିବାରୁ, ରାଜା ଗଛ ଉପରକୁ ଚଢ଼ିକରି ଦେଖିବାକୁ ଆଦେଶ ଦେଲେ । ପ୍ରଜାମାନେ ଚଢ଼ି ଦେଖିଲେ, ଛଅ ଜଣ ଝିଅ ଗଛ ଉପରେ ଅଛନ୍ତି । ରାଜା ପଚାରିଲେ – "ଆରେ ନନୀ, ତୁମେ କେଉଁ ଦେଶର ଲୋକ ?

**ପେ ଇନି ମିନ ମାନେ; ପେ ଇନି ଆଣ୍ଡି ? ଡାକଚେ ପାଚାରେ କେ । ମେଙ୍ଗ୍ ଇଁ ବାସଙ୍ଗ ଆରକେ, "ନେ ଗୁଆଁ ତନାଃ । ନେନେ ନେବ । ଆନେକେ କଣ୍ଡା ତୁଂ ଆନ୍ତଂର ବେକେ । ଉତିନ ସାଃ ନେ କ୍ଷବର ଅଲକୋଛ ଡିଙ୍ଗ୍ ନିଡିଙ୍ଗ୍ କେଁ । କଣ୍ଡା ଭିତରେ ଇଙ୍ଗ୍‌କେ, ଇନ୍‌ଦିକେ ଅଲେଙ୍ଗ ନେଡିଙ୍ଗ୍ କେ । ନେନେ ମେନାନେ ବାଏ୍ ବନ୍ଧ ନ୍ତୁଂ ମୁଗ୍‌ଡିଆଃ ଚୋ ଗଏଚୋ । ଆରି ନେଃ ତୁରଡା ତନା ନେଲାକେ । ଆତ୍ ରୁନି ସ୍ଲବାଃ ଆଣ୍ଡ୍ରି ଜର ଆରକେ । ରାଜା ସାପା ଅକେଃ । ମେ ଏତାକେ ଆନେଙ୍ଗ୍ ତଃ ଉଙ୍ଗ୍ ଣ୍ଡୁ । ନେଙ୍ଗ୍ କିମେଙ୍ଗ୍ କେ ବିବାଃ ଡିଙ୍ଗ୍ ଏ । ମେଙ୍ଗନେ ଦୂତ କେ ରାଜା ବାସଙ୍ଗ୍ କେ ଯେ ଫେ ଡୁଆଃ ଉଇଗ୍‌ଲାଃ ପାଃ । ବାଜା ବାଇଦ୍ ବଗ୍ ଛେ କେମେଙ୍ଗ୍‌କେ ଡୁଇଗଲାପା । ଉତିନ ସା ରେମୁଆଃ ଇଙ୍ଗ୍ ଚିନ୍ତା ଡିଙ୍ଗ୍ ଆରକେ ଯେ ରାଜା ତ ଗୋ ୱେ୍ଲାକେ ଲେ ସେଲାମ୍ବୁୱେ୍ ସାଃ ୱେ୍ଲାଗେ । ରାଜାନେ ପ୍ରରତୁମ କନେଡା ମେକେ ଯବର ଉଇଗ୍ କେଃ ।**



ତମର ନାମ କଣ, ଗାଁ କେଉଁଠି ?" ସେମାନେ କହିଲେ, " ଆମେ ସାତ ଭଉଣୀ । ଆମର ବାପା ଆମକୁ ଜଙ୍ଗଲରେ ଛାଡ଼ିଦେଲେ । ତେଣୁ ଏତେ ଅବସ୍ଥା ଭୋଗୁଛୁ । ଜଙ୍ଗଲ ଭିତରେ ଏଣେତେଣେ ବୁଲୁଛୁ । ଆମର ବଡ଼ ଭଉଣୀ ବନ୍ଧ ଭିତରେ ବୁଡ଼ି ମରିଗଲା । ଆଉ ଆମେ ଛଅ ଭଉଣୀ ଅଛୁ । ସେଇଠୁ ସେମାନେ ଗଛ ତଳକୁ ଓହ୍ଲେଇଲେ । ରାଜା ସବୁ ଶୁଣିଲେ । ଭାବିଲେ ମୋର ତ ପୁଅ ନାହିଁ । ମୁଁ ଏଇ ଝିଅମାନଙ୍କୁ ବାହାହେବି । ତାଙ୍କର ପ୍ରଜାମାନଙ୍କୁ କହିଲେ ଘରକୁ ଯାଅ । ବାଜା ବଜାଅ ଏବଂ ଏମାନଙ୍କୁ ନେଇଯାଅ" । ଏହା ଦେଖି ରାଜାଙ୍କର ପ୍ରଥମ ସ୍ତ୍ରୀ ତାଙ୍କୁ ଗାଳି ଦେଲେ ଓ କହିଲେ  ରାଜା ବେଂଟକୁ ଗଲେ କି ସ୍ତ୍ରୀ ଆଣିବାକୁ ଗଲେ ।

ରାଜା ସେଲାମ୍ୱେଣ୍ଡ୍ୱେ କେ ବିବା ଡିଙ୍ଗ୍ ସା ଡୁଆଁ ଆଣ୍ଡା ଡୁଇଗ୍ କେ । ରାଜା ବାସାଙ୍କେ ନେଙ୍ଗ୍ ନେ ତ ଉଙ୍ଗ୍ ଣ୍ଡୁ, ଉତିନ ସା ନେଙ୍ଗ କିମେଙ୍ଗ୍ କେ ବିବାଃ ଡିଙ୍ଗ୍ ହେଁ । ମା ତୁରୁଡ଼ା ସେଲା କେ ବିବା ଡିଙ୍ଗ୍ କେ । ମେନେ ସାପା ରୁନି ଡାଆଁ ସେଲାମ୍ୱଏ ସଲେ ପଟରକେ । ରାଜା କ୍ଷବର ଆଶା ଡିଙ୍ଗ୍ କେ । ଉଡିବେଲା ମେକେ ଗ୍ୱା ଆରକେ ଡିଙ୍ଗ୍ କେ, ରାଜା ବାସଙ୍ଗ୍ କେ ଯେ ହେଃ ଯଦି ଆନାଃ ସେଲାମ୍ୱଏ ଗଡ଼ାଅ ଜନମ ଡିଙ୍ଗ୍ ହେ ଉତିନ ବେଲା ରୁପାନେ ଘଣ୍ଟା ନାବଗ୍ ଓ୍ୱେ । ଯଦି ଆନା ଗିରିବେଓ୍ୱ ଡିଙ୍ଗ୍ ହେଃ ଉତିନ ବେଲା ସୁନାନେ ଘଣ୍ଟା ନାବଗ୍ ଓ୍ୱେ । ନେଙ୍ଗ୍ ମିଃଆଏ । ରାଜା ତାର ଚୋ ଡୋଗେ, ରାଣି ମିଆଁ ସାଃ ଘଣ୍ଟା ବାଜାବେକେ । ରାଜା ମିଟିଙ୍ଗ୍ ଆନ୍ତର ଚେ ଉଇକ୍ କେ ଆରି କେକେ କା ଯେ ମା ଗଡେଙ୍ଗ ଣ୍ଡିଗ୍ ଜନମ୍ ଆଡିଙ୍ଗ୍ କେ । ରାଜା ଯବର ରିଶା ଡିଙ୍ଗ୍ ଚେ ରାଣିକେ ଆନତର ବେକେ । ମେନା କନେଡ଼ା ତୁଂ ଉଃକେ । ମୁଇଙ୍ଗ୍ ଦିନନେ ସାମୁଆଃ ଯେ ରାଜା ଉଡିବେଲା ମିଟିଙ୍ଗ୍ ସଭା କଃଲାଗେ, ଉତିନ ବେଲା ଣ୍ଡାଆଃ କନେଣ୍ଡା ନେ ଜନମ ଡିଙ୍ଗ୍ନେ ହରବର ଡିଙ୍ଗ୍ କେ ।



ରାଜା ଝିଅ ମାନଙ୍କୁ ବାହା ହେବା ପାଇଁ ନେଇ ଘରେ ପହଂଚିଲେ । କହିଲେ "ଆମର ପୁଅପତର ନାହିଁ, ମୁଁ ଏମାନଙ୍କୁ ବାହା ହେବି" । ସେ ଛ' ଜଣଙ୍କୁ ବିଭା ହେଲେ । ତାର ସାନ ସ୍ତ୍ରୀଙ୍କର ଗର୍ଭବାସ ହେଲା । ରାଜା ବହୁତ ଆଶା କରିଲେ । ଯେତେବେଳେ ଦଶମାସ ହେଲା କହିଲେ, "ଆଜି ଯଦି ତୋର ଝିଅ ହୁଏ ରୂପା ଘଂଟା ବଜାଇବୁ, ପୁଅ ହେଲେ ସୁନା ଘଂଟା ବଜାଇଲେ ମୁଁ ଜାଣିବି । ରାଜା ବାହାରି ଗଲେ ହେଲେ ରାଣୀ ପରୀକ୍ଷା କରିବା ପାଇଁ ଘଂଟା ବଜାଇଦେଲେ । ରାଜା ସଭା ଛାଡ଼ି ପଳାଇ ଆସିଲେ, ହେଲେ ଦେଖିଲାବେଳକୁ କିଛି ପିଲା ହୋଇନାହିଁ । ରାଜା ରାଗିଯାଇ ସାନ ସ୍ତ୍ରୀକୁ ଛାଡ଼ି ଦେଲେ । ବଡ଼ ସ୍ତ୍ରୀ ପାଖକୁ ଗଲେ । ଦିନକର କଥା । ରାଜା ସଭାରେ ବସିଥାନ୍ତି ସେତିକି ବେଳେ ସାନ ସ୍ତ୍ରୀର ପ୍ରସବ ବେଦନା ଆରମ୍ଭ ହେଲା,

ଉତିନ୍‌ସା ଭାଏଡ଼ାଙ୍କେ ଉଆକେ ମାତର୍ ମାଁ ଉପରେ କୁଟ୍‌କପଟ୍ ଡିଙ୍ଗ୍ ଆର୍‌କେ, ଭାଏଡ଼ା ବାସଙ୍ଗ ଆର୍‌କେ ଯେ କେଣା ଉଙ୍ଗଡା ଜନମ୍ ଡିଙ୍ଗଲା ଆନେ ଭଲ ଭାବେ ଆକେ ମାଁ କା ଯବର ଶ୍ରଦ୍ଧା ଆରି ମାତ ଡାକ୍‌ଛେ କେଆ, ଆନେକ୍ ଆପାଚାରେ  । ଢ଼େଲା ଆତ୍ ମୁଇଙ୍ଗ୍ ହିଂସା ଡିଙ୍ଗ୍ ଆର୍‌କେ । ଯେ ମାନେ ଞଂ ମୁଆ ଗାଗ୍ ବେଆରକେ । ଉତ୍‌ନ୍ ଢ଼ାଆ ରାଣି ଗୁକ୍ଲିକ୍ ଗଢ଼ାଅ ଆରି ମୁଇଙ୍ଗ୍ ସାଲୟେ ଜନମ ଡିଙ୍ଗ୍ ଆରକ୍ । ତେଲା ମାନେ ମେନା ଭାଏଡା ଆଣ୍ଡି ଗ୍ୟାସକେ ଆତ ରାଙ୍ଗ ଓ୍ୱେଛେ ଜକଲିକ୍ ବିଆର୍‌କେ । ଆତ୍‌ରୁନି ସାତଟା ଗୁସୁ ଗଡେଙ୍କେ ରାଙ୍ଗ ପାଙ୍ଗଛେ ଆନ୍‌ତାର ବେଆର୍‌କେ ଆରିମାନେ ମୁଆଁ ଘାଗ୍ ବକ୍‌କେନେ ତ ବେଆରକେ ରାଣୀ କେକାଲା ଗୁସୁ ଗଡ଼େଙ୍ଗେ ଡାକ୍‌ଚେ ମାଁ ମୁର୍‌ମରା ଢ଼ିଙ୍ଗ୍‌କେ ।



ସେ ତାର ବଡ଼ ଭଉଣୀ ମାନଙ୍କୁ ଡାକିଲା । କିନ୍ତୁ ସେମାନେ  ତା ଉପରେ ଇର୍ଷା କଲେ, ତାର ପିଲା ଜନ୍ମ ହେଲେ ରାଜାତାକୁ ବେଶି ଶ୍ରଦ୍ଧା କରିବେ ଆମକୁ ପଚାରିବେ ନାହିଁ । ସେମାନେ କପଟ କଲେ । ତାର ହାତ ଗୋଡ଼ ଓ ଆଖି ବାନ୍ଧି ଦେଲେ । ସାନ ରାଣୀ ସାତଟା ପୁଅ, ଗୋଟିଏ ଝିଅ ଜନ୍ମ ଦେଲା । ସେମାନେ ପିଲା ମାନଙ୍କୁ ନେଇ ବଡ଼ ଭଉଣୀ ମରିଥିବା ବନ୍ଧରେ ପକାଇଦେଲେ । ସାତଟା କୁକୁର ଛୁଆ ଆଣିକରି ସାନରାଣୀ ପାଖରେ ଛାଡ଼ିଦେଲେ ଏବଂ ତାର ଆଖି ପଟି ଫିଟାଇ ଦେଲେ । ରାଣୀ କୁକୁର ଛୁଆ ମାନଙ୍କୁ ଦେଖି ଦୁଃଖ କଲା । ରାଜା ଏହା ଦେଖି ସାନ ରାଣୀକୁ ଘୋଡାଶାଳରେ ବନ୍ଦୀ କଲେ । ତାକୁ ଖାଇବାକୁ ପିନ୍ଧିବାକୁ ଦେଲେନାହିଁ ।

ପିଲାଙ୍କ କଥା

ତେଲା ରାଜା ଆକାନ୍ ଡ଼ାଆ ରାଣୀକେ କେଛେ ଘୋଡ଼ା ସାଳିଆତା ତୁଂ ଗାଗବେ ଆର୍କେ । ଆରି ମାକେ ଟଙ୍ଗ ସା ଆରି ତ ଓଡେଗସା ଆବି ଆରକେ । ବନ୍ଧ ତୁଂ ଜକ୍ଲିକ ଦକେନେ ଗଡ଼େଙ୍ଗକେ ମାନା ଭାଏଡ଼ା ଡୁଙ୍ଗ୍ଇଗକେ ମେଙ୍ଗା କା ବିଟଂ ମାନା ଆଡିଙ୍ଗ୍ ଆର୍କେ । ମୁଇଙ୍ଗ୍ ଦିନ ମୁଇଙ୍ଗ୍ ଧୋବାକେ ରାଜା ଡୁଆନେ ପାଟଏ ତାଣ୍ଡିଆସା ବନ୍ଧ ଡାଗ୍ରାଓ୍ୱେକେ । ବନ୍ଧୁ ତୁଂ ଉଡିନ୍ ଗଡ଼େଇଙ୍ଗକେ କେଛେ ଗୋଳିଆ ଡାକଛେ ଭାବେଛେ ଡଃଗେଃ । ଆତ୍ରୁନି ଉଡିନ୍ ଗଡ଼େଇଙ୍ଗ କେ ଆଶସେ ପାତାଳପୁର ଓ୍ୱା ରାଙ୍ଗ ଓ୍ୱାରାଙ୍ଗ ଓ୍ୱେକା । ମୁଇଙ୍ଗ୍ ଦିନ୍ କଥା ଯେ ରାଜା ମୁଇଙ୍ଗ ବନ୍ଧଣ୍ଡିଆ କୁମା ଓ୍ୱାଙ୍ଗ ଉତ୍ନ ସାଲନ୍ଧ ନେ ଓସ୍ମାର୍ ସାରକା ।

ଭାଇଓ୍ୱେ ଭାଇଓ୍ୱେ ଗଆଁ ଭୟାଃ

ନିଜର ଆବା ପାଙ୍ଗ ଲାକେ<br>ଗୁଆଁ ଭୟା ଓସମାର୍ ସାରକେ<br>ନିଆୟାଂ ଲାକେ ଘୋଡ଼ାଶାଲ୍

ମାକେ ଶାରି ବିଲେ ଣ୍ଡୁ ନାବି<br>ନେ ଗୁଆଁ ଭୁୟା ଜନମ ନିଡିଙ୍ଗ୍ କେ<br>ନା ଆବି ପା ନନୀ ସାରି



ବନ୍ଧ ପାଣିରେ ପକାଯାଇଥିବା ପିଲାମାନଙ୍କୁ ତାର ବଡ଼ ଭଉଣୀ ପାଇ ନେଇଗଲା । ସେମାନଙ୍କୁ ପାଳିପୋଷି ବଡ଼ କରାଇଲା । ଏବଂ ସେମାନେ ବନ୍ଧ କୂଳରେ ବେଶ ବଦଳାଇ ଆଠଟି ଫୁଲ ଗଛ ରୂପରେ ରହିଲେ । ଦିନେ ଜଣେ ଧୋବା ରାଜାଘର ଲୁଗାପଟା ସଫା କରିବାକୁ ବନ୍ଧ ପାଖକୁ ଗଲା । ବନ୍ଧ ପାଖରେ ପିଲାମାନଙ୍କୁ ଦେଖିକରି ଭୂତ ଭାବି ପଳାଇଲା । ସେଠୁ ପିଲାମାନେ ରାଜାଘରର ସେହି ଲୁଗା ପଟାକୁ ନେଇ ପାତାଳ ପୁରକୁ ପଳାଇଲେ । ଦିନେ ରାଜା ମଧ୍ୟ ସେଇ ବନ୍ଧକୁ ଗାଧୋଇବାକୁ ଆସିଲେ ।

ସେତେବେଳେ ଝିଅଟି ଗୀତ ବୋଲିଲା–

"ବାଇରେ ବାଇରେ ସାତଟା ବାଇ, ନିଜର ବାପା ଆଇଲା ଆତେ,<br>ତାକୁ ଫୁଲ ଦେବା କି ନ ଦେବା ଦେଖ ।"

ସାତଭାଇ ଗାଇଲେ– ଆମେ ସାତଭାଇ ଯୋଜନେ ଡଲ, ମା' ଅଛି ଘୋଡ଼ା ସାଲ, ନ ଦିଅ ନନୀ ଫୁଲ

ରାଜା ଚିନ୍ତା ଡିଙ୍‌କେ, ଆକ୍‌ତ୍ ଜାଣ୍ଡେଣ୍ଟୁ ଜୋଣ୍ଡ ଅସମାର । ରାଜା ଆତ୍ ବାନ ଡୁଆ ଉଇକା ଆରି ଘୋଡା ଶାଲ୍ୟାତ୍ୟା ରୁନି ରାଣୀକା ଓ୍ୱେଆ ରାଙ୍ଗ ଉଇକ୍ କା । ରାଣୀକେ ଣ୍ଡିଆ ଆକୁମା ବିଛେ ସୁନ୍ଦର ଭାବରେ ଓକ୍ ମାଛେ ଉଲ୍ ଡୁଆତୁଂ ଭଲିଆ ଦିଶ ରାଣୀକେ ସଦାଛେ ରାଙ୍ଗ ଇବ୍ ଲକା ଆତରୁନି ବନ୍ଧ ଡାଗ୍ରା ରାଙ୍ଗ ପାଙ୍ଗଛେ ଆତୁଆକେ ଉତିନ୍ ବେଳା ସାଲା ମ୍ୟେଓ ଓସମାର ସାରକେ-

ଭାଇଓ୍ୱେ ଭାଇ ଗୁଆଁ ଭୂୟାଃ
ଗୁଆଁ ଭୂୟାଃ ବାସଙ୍କେ
ୟାଙ୍ଗ ପାଙ୍ଗକେ ଘୋଡାଶାଲ

ନିଜର ୟାପାଙ୍ଗକେ ଶାରି ଦିଲେଣ୍ଟୁ
ନେ ସାତ୍‌ଭାଇ ଜନମ ନିଡ଼ିଙ୍ଗ
ଶାରୀ ବିପାରେ ନୁନୀ ଶାରୀ ବିପା



ରାଜା ଭାବିଲେ, ଏଠି ତ କିଏ ନାହିଁ, କିଏ ଗୀତ ଗାଇଲା । ରାଜା ସେଠାରୁ ଲେଉଟି ଯାଇ ଘୋଡ଼ା ଶାଳରୁ ସାନରାଣୀକୁ ଡାକି ଆଣିଲେ । ରାଣୀକୁ ସୁନ୍ଦର ଭାବରେ ଗାଧୋଇ, ରାଣୀ ଭାବରେ ସଜାଇ ବନ୍ଧ ପାଖରେ ନେଇ ଠିଆ କରାଇଲେ -

ସେତିକିବେଳେ ଝିଅ ଗୀତ ଗାଇଲା -

"ବାଇରେ ବାଇରେ ସାତଟା ବାଇ, ନିଜର ମା' ଆଇଲା,
ତାକୁ ଫୁଲ ଦେବା କି ନ ଦେବା ଦେଖ ।"

ସାତଭାଇ ଗାଇଲେ-

ଆମେ ସାତଭାଇ ଯୋଜନେ ଡଲ, ମା' ଅଛି ଘୋଡ଼ା ସାଲ, ଦିଅ ନନୀ ଫୁଲ

**ଏକାନ୍ ବାସଙ୍ଗଛେ ଶାରି ସ୍କାଲା ଲେହଂ ପଡେକେ । ଆତାନେ ଗୁକ୍ଲିକ୍ସ୍ଲି ଡିଙ୍ଗ୍ ଲେହେଁ ପଡ଼େକା । ଆତ୍ରୁନି ମେଙ୍ଗନେ ରେମୁଆଁ ଡିଙ୍ଗ୍ୱେଗେ ଆରି ୟାଙ୍ଗତୁଂ ତ୍ରାଡ଼ିଆ ଛାଓ୍ୱେ ଓ୍ୱେ ଆରଗେ । ମେନା ରାଣୀ ଇଙ୍ଗ୍ ବାସଙ୍ଗ ଆରକେ ନେତ କେଂମଙ୍ଗକେ ଣ୍ଡିଆତୁ ଜକଲିକ୍ ନେବଗେ । କେଂମଙ୍ଗକେ ଣ୍ଡିଆତୁ ଣ୍ଡିଆ ରୁନି କେମଙ୍ଗେ ଡିଡି ବୁରା ଆର୍କେ । ଆତ୍ ରାଜା ସାପା ସାମୁଆଁ ମିଆଚେ ଉଡିନ୍ ରାଣୀକେ ଡୁଆବା ଆତାର ବିଆର୍କେ । ଉଡିନ୍ ଗଡେଙ୍ଗକେ ଡୁଆ ରାଙ୍ଗ୍ଉଇରାକେ ଆରି ଡୁଆ ଭିତ୍ରେ ଆଲୁଆ ଆର୍କେ ଗଡ଼େଇଙ୍ଗ୍ କେଛେ ରାଜା ଆନନ୍ଦ ଡିଙ୍ଗଛେ ଲାକେ ।**



ଏହାପରେ ଫୁଲ ଗଛଟି ନଇଁ ପଡ଼ିଲା । ସାତଟି ଅନ୍ୟ ଗଛ ମଧ୍ୟ ନଇଁ ପଡ଼ିଲେ । ତା'ପରେ ସେମାନେ ମଣିଷ ହୋଇଗଲେ ଏବଂ ମାଆଠାରୁ କ୍ଷୀର ଖାଇବାକୁ ଗଲେ । ରାଜା ଏ କଥା ଜାଣି ପାରିଲେ । ବଡ଼ ରାଣୀମାନେ ଭାବିଲେ, "ଆମେ ତ ପାଣି ଭିତରେ ପକାଇଥିଲୁ କିପରି ଏମାନେ ବଂଚିଲେ" । ରାଜା ସବୁକଥା ଜାଣି ଅନ୍ୟ ରାଣୀ ମାନଙ୍କୁ ବାହାର କରି ଦେଇ ପିଲାମାନଙ୍କୁ ଘରକୁ ପାଛୋଟି ନେଲେ ଏବଂ ଖୁସିରେ ରହିଲେ ।

# ରେମୁଆ ଜନମ ଉ ସ୍ରା (ମଣିଷ ଜନ୍ମ କଥା)

**ହଃସେ ବା ଆକକେ ମେ ଡିଗ ଆଲା କେ । କଣ୍ଡା, ବିରି, ଲାଟା ବୁଟା, ଓ୍ୱୟଡିୟା ଣ୍ଡିଙ୍ଗ ଆଲାଗେ । ସାପାପାକା ମାତ୍ରା ଣ୍ଡିଆ ଲାଗେ । ମୁଇଙ୍ଗ ଦିନ ନେ ସାମୁଆ । ମୁଇଙ୍ଗ ଟାଙ୍ଗୁଆ ଣ୍ଡିଆ ମଜାଏ ନ୍ତୁଗ ଲକେ । ଆଣ୍ଡି ଣ୍ଡିଆ ଡାଗ୍ରା ଲକେ ଆତ ଡାଗ୍ରା ମୁଇଙ୍ଗ କଣ୍ଡା ତିଆର ଡିଙ୍ଗକେ । କଣ୍ଡା ଡାଗ୍ରା ଗୁମ୍ଫା ଭିତରେ ଆତ ଡାଗ୍ରା ତନା ବାରି ଲା ଡିଙ୍ଗ ଆରଗେ । ମେଙ୍ଗ ଇଙ୍ଗ ଆତ ଡାଗ୍ରା ଅ ଅ ମିଆ ଆରକେ । ମାପ୍ରୁ ମେଙ୍ଗେ ଅ ଅ ନେ ଓ ଝେ ମୁଇଙ୍ଗ ଗିରିଆ କେ ବେଏ ବି ଆରକେ ।**



ବହୁଦିନ ପୂର୍ବେ ଏଠାରେ କିଛି ନଥିଲା । ପାହାଡ଼, ବଣ, ପର୍ବତ, ପବନ କିଛି ବି ନଥିଲା । ଚାରିଆଡ଼େ କେବଳ ପାଣି ଲହଡ଼ି ମାରୁଥିଲା । ଦିନକର କଥା । ତାରାଟିଏ ପାଣି ମଧ୍ୟକୁ ଖସି ଆସିଲା । ପାଣିରେ ଯେଉଁଠି ପଡ଼ିଲା ସେଇଠି ଗୋଟିଏ ପାହାଡ଼ ସୃଷ୍ଟି ହେଲା । ପାହାଡ଼ ମଧରେ ଗୁମ୍ଫା ଥିଲା, ତାହାରି ମଧ୍ୟରେ ଦୁଇ ଭାଇଭଉଣୀ ରହୁଥିଲେ । ସେମାନେ ସେଠାରେ କାନ୍ଦିବାକୁ ଲାଗିଲେ । ମହାପ୍ରଭୁ ସେମାନଙ୍କ କାନ୍ଦ ଶୁଣି କାଉକୁ ପଠାଇଲେ ।

ପିଲାଙ୍କ କଥା

**ଗିଗିଆ ପାଂକେ, ସାପା ପାକା ତୁରକେ । ହେଲେ ଣ୍ଡିଙ୍ଗ ମାନେ ଣ୍ଡିଙ୍ଗ ଆହବା କେ ଆରୀ ଡୁଆ ଉହିକକେ । ଉଡି ଦିନ ଉଓ୍ୱକେ ବା ମାପ୍ରୁ ଆରୀ ମୁଇଙ୍ଗ ତର ବାକେ । ଗିରିଆ ଏଥର ଯବର ତୁରସାଙ୍ଗ କେ କେ ଛେ ଆରି ୟାୟା ତନାବାରି କେ କୁରୁ ଡାଗ୍ରା ରୁଣୀ ମାପ୍ରୁକେ ଆମିଆକେ । ମାପ୍ରୁ ପାଂକେ ଆରି ମେଙ୍ଗ କେ ବଞ୍ଚାକେ । ମେଇଙ୍ଗ କେ ଲାନ୍ସ୍ୱା ସାପା ବି ଆରକେ । ସ୍ଲାଆ, ଲାଟାବୁଟା, ଖାଦି, ଣ୍ଡିଆ ଆରି ଓ୍ୱୟଡ଼ିଆ । ଆତନ ନ୍ତୁକ ୟାକ୍ଲିକ ନ୍‌ଚ, ଞେତି ଗୁଆଚେ ୟାକ୍ଲିକ ଓରେ ଆରା ଆରକେ ।**



କାଉ ଆସିଲା, ଚାରିଆଡ଼ ଖୋଜିଲା । ହେଲେ କିଛି ପାଇଲା ନାହିଁ । ଫେରିଗଲା । କିଛିଦିନ ପରେ ପ୍ରଭୁ ତା'କୁ ପୁଣି ପଠାଇଲେ । କାଉଟି ଏଥର ବହୁତ ଖୋଜା ଖୋଜି କଲା ଏବଂ ଦୁଇ ଭାଇ ଭଉଣୀଙ୍କୁ ଗୁମ୍ଫାରେ ଠାବ କରି ମହାପ୍ରଭୁଙ୍କୁ ଜଣାଇଲା । ମହାପ୍ରଭୁ ଆସିଲେ ଓ ସେମାନଙ୍କୁ ଉଦ୍ଧାର କଲେ । ସେମାନଙ୍କ  ରହିବାପାଇଁ ସବୁ କିଛି ଗଛ, ଲତା, ଖାଦ୍ୟ, ପାଣି ଓ ପବନ ଦେଲେ । ସେଇଠୁ ମହାପ୍ରଭୁ ଗୋଡ଼ ନଖ କାଟି ଗୋଟିଏ ଗାଈ ଓ ଗୋଟିଏ ଷଣ୍ଢ ସୃଷ୍ଟି କଲେ ।

ଷଣ୍ଡ ଓଃରେ ନେ ମିନି ବି ଆର୍କେ ସନିଆ ଡିଆଃ ଡିଃଆ ନେ ମିନି ମଙ୍ଗଳା । ମାନେଃ ପଛେ ବୟୋ କେ ସନିଆ ଆରି ତଃନା କେ ମଙ୍ଗଳି କେ ବି ଛେ ମ୍ୱାର ପାକା ବାଃ ବି ଆରକେ । ଉଡି ଦିନ ଉଃଏ କେନେ ପଛେ ମେଙ୍ଗ ଇଂ ଓ୍ୱାଲେଙ୍ଗ ଛେ 'ାଙ୍ଗ ଛେ ମ୍ୱାୟାଃ ମେଙ୍ଗ ମେଙ୍ଗ ଭିତରେ ଛିନ୍ନା ଛିନ୍ନେ ଆଃ ୟା ଆର୍କେ । ଉତିନ ଦିନ ରଣି ମେଙ୍ଗ ଇଂ ମ୍ୱାଃୟା ବିବାଃ ଡିଙ୍ଗ ଆରେକେ ଆରି ମାଣ୍ଡ ଲାଃ ଆର୍କେ । ମଙ୍ଗୁଲି ଣ୍ଡିଙ୍ଗ ଉଃଡ଼ିକ କ୍ଲିକ ଉଃ ଥିଆଃ ଜନମ ଢ଼ି ଇଙ୍ଗ କେ । ମାରି ଉଡି ଦିନ ଉଏହେଃ ଲା ଣ୍ଡିଆ ଗୁରୁ ଆରମ ଢ଼ିଙ୍ଗ କେଁ ।



ଷଣ୍ଡଟିର ନାଁ ଦେଲେ ସନିଆ ଗାଈଟିର ନାଁ ଦେଲେ ମଙ୍ଗଳା । ତାପରେ ଭାଇକୁ ସନିଆ ଓ ଭଉଣୀକୁ ମଙ୍ଗଳାକୁ ଦେଇ ଦୁଇ ଦିଗକୁ ପଠାଇଲେ । କିଛି ଦିନ ବୁଲି ଆସିବା ପରେ ଦୁହେଁ ଆଉ ପରସ୍ପର ଚିହ୍ନି ପାରିଲେ ନାହିଁ । ସେହିଠାରୁ ସେମାନେ ପରସ୍ପର ବିବାହ କଲେ ଏବଂ ସୁଖରେ ରହିଲେ । ମଙ୍ଗଳା ମଧ୍ୟ କେତୋଟି ବାଛୁରୀ ଜନ୍ମ କଲା । ତା'ପରେ ବର୍ଷା ଆରମ୍ଭ ହେଲା ।

ଜବର ଲିଙ୍ଗଣ୍ଡିଆ କିକ ମେଇଂ ହରବର ଡିଙ୍ଗ ଆରକେ । ଆରି ଯବର କଷ୍ଟରେ ମେଙ୍ଗି ଲାଃ ଆରକେ । ଯବର ନାସେଙ୍ଗ କିକ ଡିଙ୍ଗ ଲା ସ୍ଲ ପାଡୁ ଉଂସୁହାର ଡିଙ୍ଗ ଛେ ଉକ୍ସ ଡିଙ୍ଗ କେ । ସ୍ନି ମାପୁ ରୁନି ମୁଇଙ୍ଗ ତାର୍କିକ ଡୁଙ୍ଗ ପାଂଙ୍ଗ ଛେ ମୁଇଙ୍ଗ ସ୍ଲ ଆଡାତ୍ରା ଲାଃ କେ । ସ୍ଲ ଡୁହା ହୈଏ ଗେ । ଉତିନ ସୁଆଃ କେ ମେଇଂ ଯବର ସି ଯାକୁ ଆ ଡୂହା ବଃ ଆରଗେ । ଆରି ଉତିନ ନେ ସୁଆ ନ୍ତୁକ ମେଙ୍ଗ ଇଙ୍ଗି ଶିର ଚଙ୍ଗ ନେ ମିଆଃ ଆରକେ । ସନିଆ ଆରି ମଙ୍ଗଲା ନେ ଗିଙ୍ଗିର ବେଃ ଗଢେ ଇଂ ଜନମ ଡିଙ୍ଗ ଆରକେ ।



ପ୍ରବଳ ବର୍ଷାରେ ସେମାନେ କଷ୍ଟରେ ରହିଲେ । ସୂର୍ଯ୍ୟଙ୍କ ଆଦେଶରେ ଖରା ହେଲା । ପ୍ରବଳ ଖରାରେ ଗଛପତ୍ର ଶୁଖି ପାଉଁଶ ହୋଇଗଲା । ମହାପ୍ରଭୁ ସୂର୍ଯ୍ୟଙ୍କ ଠାରୁ ଏକ କିରଣ ଆଣି ଗଛ ଉପରେ ପକାଇଲେ । ଗଛ ଜଳିଗଲା । ସେହି ନିଆଁକୁ ଜଳାଇ ସେମାନେ ବହୁତ ଦିନ ପର୍ଯ୍ୟନ୍ତ ରଖିଲେ । ଏବଂ ଖାଦ୍ୟ ପୋଡ଼ି ଖାଇବା ଶିଖିଲେ । ସନିଆ ଓ ମଙ୍ଗଳାର ଅନେକ ପିଲା ଜନ୍ମ ହେଲେ ।

**ମେଙ୍ଗ ଇଂ ତନା ବାରି ଡିଙ୍ଗ ଛେ ଲାଃ ଆରଗେ, ମେଂ ଇଙ୍ଗ ବିବାଃ ଆଡିଙ୍ଗ ଆରକେ । ଆତରୁଣି ମାପ୍ରୁ ଚିନ୍ତା ଡିଙ୍ଗ କେ ଯେ "ଢ଼ି ଢ଼ି ମେ ରକମ ଢ଼ିଙ୍ଗ ପଢ଼େଏ । ମେଇଂକେ ଦଲ ଦଲ ଆଢିଙ୍ଗ ଛେ ସାପା ପାକା ବାଃ ବେ ଗେ । ଦେକ ଢିଙ୍ଗ ବାଃ ମେଇଙ୍ଗ ନ୍ତୁକ ମୁଇଙ୍ଗ ପାକା ଦଲ ନ୍ତୁକ ବୋଣ୍ଡା ଆରି ମୁଇଙ୍ଗ ପାକା ଡିଡାୟି, ଆରି ମୁଇଙ୍ଗ ଦଲ କନ୍ଧ ଡିଙ୍ଗ ଛେ ଲାଃ ଆରଗେ । ମେଂଗ ଇଂ ମୁଇଂନ୍ତୁକ ଆଲାଃ ଆରଗେ । ଯା ଇଂକେ ଇନ୍ତେ କଣ୍ଡା ଭିତରେ ଲାଃ ଆରଗେ । ଦେଖ ଢ଼ିଙ୍ଗ ଛେ ରେମୁଆଃ ତିଆର ଢ଼ିଙ୍ଗ କେ ।**



ସେମାନେ ଭାଇ ଭଉଣୀ ହୋଇ ରହିଲେ ବିବାହ କଲେ ନାହିଁ । ସେଇଠୁ ମହାପ୍ରଭୁ ଚିନ୍ତା କଲେ, 'କିପରି କଣ କରିବା ।' ସେମାନଙ୍କୁ ଦଳ ଦଳ କରି ଚାରି ଆଡ଼କୁ ପଠାଇ ଦେଲେ ଏପରି କରିବା ଦ୍ୱାରା ସେମାନଙ୍କ ମଧ୍ୟରୁ ଦଳେ ବଣ୍ଡା, ଦଳେ ଡ଼ିଡ଼ାୟୀ ଓ ଦଳେ କନ୍ଧ ହୋଇ ରହିଲେ । ସେମାନେ ଏକାଠି ରହିଲେ ନାହିଁ । ଯିଏ ଯୁଆଡ଼େ ପାଇଲା ଜଙ୍ଗଲ ମଧ୍ୟରେ ରହିଲେ । ଏହିପରି ମଣିଷ ସୃଷ୍ଟି ହେଲେ ।

**ପିଲାଙ୍କ କଥା**

# ଗିମି ତୁରତିଆ ଗଢ଼େଅଣେ ବୁଦ୍ଧିନେ ଉଃ ସ୍ରା
# (ବୋକା ପୁଅ ଓ ତାର ମା')

କସମ ପୁଟ ଇନିନ୍ତୁକ ମୁଇଙ୍ଗ ଡକରି ଲାଃ ଗେ । ଉତିନ ଡକରି ନେ ମୁଇଙ୍ଗ ଗଢ଼େଅଃ ଲାଃ ଗେ । ମେଙ୍ଗ ଇଂ ଯବର ହରକିତ ଲାଃ ଆରଗେ । ଗଢ଼େଅଃ ଆତେନେ ଇନି ନେ ଗିମି, ମେଣ୍ଡା, ଅଃରେ ତୁର ତିଆ ଢ଼ିଙ୍ଗ ଢ଼ିଙ୍ଗ ଗେ । ମୁଇଙ୍ଗ ଦିନ ଅଃରେ ତୁରତିଆଃ କେଲାଃ ଉତିନ ଗଢ଼େଅଃ ଡିମୁଇଙ୍ଗ କାସୁ ମିଲାକେ । ଗଡେଅଃ ଏତା କେ ଯେ ଆକେନ କାସୁ ଏତେ ମୁଇଙ୍ଗ ସ୍ଲାମ୍ନେ ମୁଇଙ୍ଗ ମ୍ଧୀ ଆର ହେଃ । ଆରି ଗିମି ନା ତୁରତିଆ । ମୁଇଙ୍ଗ ଦିନ ମାଁ ଇଆଙ୍ଗଢ଼ା ଏତେ ମୁଇଙ୍ଗ ସ୍ଲାମ୍ନେ ମୁଇଙ୍ଗ ମ୍ଧୀ ଆର ହେଃ । ଆରି ଗିମି ନା ତୁରତିଆ । ମୁଇଙ୍ଗ ଦିନ ମାଁ ଇଆଙ୍ଗଢ଼ା ଏତେ ସାନ୍ତା ଓ୍ୱୟ ଆରଗେ । ସାନ୍ତା ନ୍ତୁକ କେ କେଃ ଯେ ମଣ୍ଡା ମଣ୍ଡା ପୁତ୍ଲା ସୁଗା ସ୍ଲାମ୍ନେ ଶଃ ଢ଼ିଙ୍ଗ ଆରକେ । ନେନେ ଗଢ଼େଅଃ ସ୍ନା ମୁଇଙ୍ଗ ଅ ଅଣି ମିଉଙ୍ଗ ସ୍ଲାମ୍ନେ ମୁଇଙ୍ଗ ବିଃ ଆର ମ୍ଧୀ ହେଃ । ଉଂ ଣ୍ଡା ଇଂସା ସ୍ଲା ମ୍ନେ ମୁଇଙ୍ଗ ବିଃ ଆର ବି ଛେ ଡୁହା ଉଈଗଆରକେ ।



କସମ ପୁଟ ବୋଲି ଗାଁରେ ବୁଢ଼ୀଟିଏ ଥିଲା । ବୁଢ଼ୀର ପୁଅଟିଏ ଥାଏ । ସେମାନେ ବହୁତ ଗରିବ ଥିଲେ । ପୁଅଟି ଗାଁର ଛେଳି, ମେଣ୍ଢା ଓ ଗାଈଗୋରୁ ଚରାଉଥିଲା । ଦିନେ ଗାଈ ଗୋରୁ ଚରାଉ ଚରାଉ, ପିଲାଟି ସୁନା ଟଙ୍କା ଗୋଟିଏ ପାଇଲା । ଏହି ସୁନା ଟଙ୍କା ପାଇ ପିଲାଟି ଭାବିଲା ଏହାକୁ ବିକି, ବାହା ସାହା ହୋଇଯାଇ ଆଉ ଛେଳି ଚରାଇବି ନାହିଁ । ଦିନେ ତା ମା ସେହି ସୁନା ଟଙ୍କା ନେଇ ହାଟକୁ ଗଲା । ଦେଖିଲା ହାଟରେ ବହୁତ ସୁନ୍ଦର ସୁନ୍ଦର କଣ୍ଢେଇ ବିକ୍ରି ହେଉଛି ପୁଅ ପାଇଁ ଚାରି ଅଣାର କଣ୍ଢେଇଟିଏ କିଣି ଆଣି ସେ ଘରକୁ ଫେରିଲା ।

ଉଙ୍ଗିବେଳା ମାଁନେ ଉଂଣ୍ଡା ଗିମି ତୁତରିଆ ସ୍ନା କଣ୍ଡା ଓ୍ବୟ ଲାଗେ । ମା ଲମଡ଼ିଅ ଡୁଆ ଉଇଗ ଛେ ଇଃଆଙ୍ଗ ଢ଼େ କା ସେଲ୍ଲାକୁକୁ କେ "ଇଃଆଙ୍ଗ ନେଙ୍ଗ ସାଃ ସ୍ଲାମ୍ରେ ଡୁଂ ଇଗ ନାବକ୍ଲେଣ୍ଡୁ । ମେ ଇଃଆଢ଼ା ବାସଙ୍ଗ କେ ଯେ "ଆ ବାବୁ ନାନେ ନ୍ସା ମୁଇଙ୍ଗ ମାଛୁଆଃ ଡୁଙ୍ଗିଗ ୟଃ କେ । ଉଂ ଢ଼ା ସାରଧା ଡିଙ୍ଗ ଛେ ଈନ୍ଟି ଗେଃଶ ଛେ ଡୁଆ ଭିତରେ ଗାଃ ଓ୍ବୟ କେ । କେକେ ଯେ ମା ମୁହାଟେ ସେଲ୍ଲା କହଃଛେ ଲୁହା ଡ଼ିଙ୍ଗ । ଗଢ଼େଅଃ ବାସଙ୍ଗ କେ 'ଜ୍ୟା ଜ୍ୟା ଆନେଙ୍ଗ ବଲେ ବାଟା ବିଲା ଆନେଙ୍ଗ ଯବର କେଢ଼େସ ଡିଙ୍କେ । ଆତେନ ରେମୁଆଃ ଡ଼ିଙ୍ଗ ଲେଲା କିନାଃ ସାମୁଆ ଦିରିଗ ହେଃ ଆରି ଆନା ବଲେ ବାଟା ବିଏ । ଆଃ ତେନ ତଃ ପୁଲ୍ଲା ।



ସେତେବେଳେ ତାର ପୁଅ ଛେଳି ଚରାଇବାକୁ ବଣକୁ ଯାଇଥିଲା । ସନ୍ଧ୍ୟାରେ ସେ ଘରକୁ ଫେରି ମା'କୁ ପଚାରିଲା, "ମା ମୋ ପାଇଁ ସ୍ତ୍ରୀ ଆଣିଛ କି ନାହିଁ"। ତା ମା କହିଲା, "ହଁ ପୁଅ, ତୋ ପାଇଁ ମୁଁ ବୁଆରି (ବୋହୂ) ଆଣିଛି" । ପୁଅ ଖୁସି ହୋଇ ହାତଗୋଡ଼ ଧୋଇ ଘରକୁ ଗଲା । ଦେଖିଲା ତା ସାମନାରେ ଝିଅଟିଏ ବସି ହସୁଛି । ପୁଅ କହିଲା, "ବେଗି ବେଗି ମୋତେ ଭାତ ବାଢ଼ି ଦେ, ବହୁତ ଭୋକ ଲାଗୁଛି" । ସେ ମଣିଷ ହୋଇଥିଲେ ସିନା କଥା ଶୁଣିବ ଏବଂ ଭାତ ବାଢ଼ି ଦେବ । ସେ ତ କଣ୍ଢେଇ,

ଗଡ୍ରେଅଃ କେକେ ଯେ ମେ ଦେତୁଆ କହଚେ ଲୁହା ଡ଼ିଙ୍ଗ । "ୟେଲ୍ଲା ୟେଲ୍ଲା ଲୁଆ ଲାଲା । ଆନେଙ୍ଗ ଓ୍ୱ କେନ କେଡ୍ରେସ ଡିଙ୍ଗେ ଯେ ବାସଙ୍ଗ ଇଆଃ ଆଡିଙ୍ଗ ଣ୍ଡୁ । ଉଡି ବାସଙ୍ଗଲା ଡ଼ିଙ୍ଗ ପୁତଲା ବଲେ ଆବିକେ ଣ୍ଡୁ । ଇଡ଼ିଙ୍ଗ ଗଡ୍ରେଅଃ ରିଶା ଡ଼ିଙ୍ଗ ଛେ ମୁଇଙ୍ଗ ଚାପୁଢ଼ା ବକ କେ । ପୁତଲା ଗୁଣ୍ଡଲେ ଗୁଣ୍ଡଲେ ଛେ ମୁଇଙ୍ଗ କୋନେ ଲକେ । ମେଃ ମନେ ମନେ ଏତାକେ "ନେଙ୍ଗ ନେ କନେକେ ମ୍ଚଗଲା ଢୁଆ ଆନ୍ତାର ଛେ ଲାଗଢ଼ ଗେ । ଆତେନ୍ସ୍ୱା ମେଃ ଆମେଃ କେ ତୁରନ୍ସ୍ୱା ତାର କେ । ଓ୍ୱେ କେନେ ବେଲା ନ୍ତି ନ୍ତୁକ ଡୁଡୁ ଆରି ଜେବା ଡାଗ୍ରା ଟିକ୍ଲେ ତୁଆଲ ସାଛେ ତାରଗେ ।



ପୁଅ ଦେଖିଲା, ସେ ପୁଣି ସେମିତି ବସି ଖାଲି ହସୁଛି । 'ଖାଲି ଖାଲି ହସୁଥା, ମତେ ଏତେ ଜୋର ଭୋକ ଲାଗୁଛି କହିଲେ ନସରେ' । ଯେତେ କହିଲେ ମଧ୍ୟ କଣ୍ଢେଇ ଭାତ ଦେଲା ନାହିଁ । ଶେଷରେ  ପୁଅ ରାଗିଯାଇ ଗୋଟିଏ ଚଟକଣା ପକାଇଲା । କଣ୍ଢେଇଟି ଗଡ଼ି ଗଡ଼ି ଯାଇ ଗୋଟିଏ କଣରେ ପଡ଼ିଲା । ସେ ମନେ  ମନେ ଭାବିଲା, "ମୁଁ ମୋ ସ୍ତ୍ରୀକୁ ମାରିବାରୁ ସେ ଘର ଛାଡ଼ି ପଳେଇଗଲା" । ଏବଂ ସେ  ତାକୁ ଖୋଜିବାକୁ ବାହାରିଲା । ଗଲାବେଳେ ହାତରେ ଖଣ୍ଡେ ବାଡ଼ି ଏବଂ କାନ୍ଧରେ ଲାଲ ଗାମୁଛାଟାଏ ଧରି ବାହାରିଲା ।

**ଉଙ୍ଗି ସ୍ଲ ଅଲେଙ୍ଗ ଅଲେଙ୍ଗ ମୁନିପୁର ଇନିଃ ଓ୍ୱେ ଛାକେ । ଆତ ନେ ଇନି ମୁଇଙ୍ଗ ରାଜା ନେ ମିନି ସହଦେବ ଲାଗେ । ମେଙ୍ଗେ୍ନ ମୁଇଙ୍ଗ ଆଃ ସୁନ୍ଦରୀ ସ୍ଲନ୍ୟେ ଗଢ଼େଅଃ ମୁଇଙ୍ଗ ଲାକେ । ସୁନ୍ଦରୀ ସ୍ଲନ୍ୟେ ଗଢ଼େଅଃ ଉତିନ ବେଳା ବନ୍ଧେ କୁମାଡିଆ ସା ଓ୍ୱେ ଲାଗେ । ମାନେ ସାଙ୍ଗ ସାଥି ନ୍ତେ ଲଣ୍ଡିଆ ଆଢା ଣ୍ଡିଆ ନେ ସୁନ୍ଦରୀ ଆତେନ କାଲା ଲୋଣ୍ଡିଆ କୁମାଡିଆ ଓ୍ୱେ ଡିଙ୍ଗେ ସଙ୍ଗୋଡେଇଙ୍ଗ ଆତେ କୁମାଡିଆ କାଲା ଗିମି ଉର୍ଣ୍ଡ୍ରେ ଓ୍ୱେଚାଚେ ଆରି ବାବେକେ ଯେ ଆତେନେ ନେଙ୍ଗ ନେ ନେକନ୍ନେ, ଡାକଚେ ଜ୍ୟା ଜ୍ୟା ଲଣ୍ଟୃା ଭିତରେ ଗା ଓ୍ୱେ କେ । ସୁନ୍ଦରୀ କେ ବାଲିରିକେ ଆନା ମୁଇଙ୍ଗ ଚାପଡା ବଂଗ ଲା ନା ଇଙ୍କେ ଲାଗଢ଼ନାଲେ । ଦୁବା ଏଥର ନେଙ୍ଗ ଆନା ନାବଗ ଣ୍ଡୁ ।**



କେତେଦୂର ପର୍ଯ୍ୟନ୍ତ ଚାଲି ଚାଲି ମଣିପୁର ଗାଁରେ ପହଂଚିଲା । ସେ ଗାଁର ରାଜା ଥିଲେ ସହଦେବ । ତାଙ୍କର ଏକମାତ୍ର କନ୍ୟା ସୁନ୍ଦରୀ । ସୁନ୍ଦରୀ ସେହି ସମୟରେ ସ୍ନାନ କରିବାକୁ ପୋଖରୀକୁ ଯାଇଥିଲା । ସାଙ୍ଗସାଥି ମାନଙ୍କ ସହିତ ଗାଡ଼ିଆ ତୁଠରେ ଗାଧେଇବା ସମୟରେ ଛେଳି ଜଗା ପିଲାଟି ଯାଇ ସେଠାରେ ପହଂଚିଲା ଏବଂ ଭାବିଲା ସେ ମୋର ସ୍ତ୍ରୀ, ସଙ୍ଗେ ସଙ୍ଗେ ଗାଡ଼ିଆ ଭିତରକୁ ଚାଲିଗଲା । ଆଉ ସୁନ୍ଦରୀକୁ କହିଲା, "ତତେ ମୁଁ ଚଟକଣା ମାରିବାରୁ ତୁ ଏଠାକୁ ପଳାଇ ଆସିଲୁ । ଚାଲ ଆଉ ତତେ ମୁଁ କେବେ ହେଲେ ମାରିବି ନାହିଁ ।

**ନ୍ତି ନାରାଃ ତଡିଆଃ ଣ୍ଡୁ । ସୁନ୍ଦରୀ ବାସଙ୍ଗ କେ ନେଙ୍ଗ ନାଁ କୁନେ ଣ୍ଡୁ । ନେଙ୍ଗ ମୁଇଂଜା ସହଦେବ ରାଜା ନେ ଡଂ । ନେଙ୍ଗ ନାନେ ଡି ନାଁ କନେ ଡିଙ୍ଗ ଏଃ । ସୁନ୍ଦରୀ ଗିମି ଉରନେ ଗଢ଼େଅଃ କେ ବାସଙ୍ଗ କେଲା ଣ୍ଡିଗ ସାମୁଆ ଆସାକା । ବାସଙ୍ଗ କେ ନାଁ ନେଙ୍ଗ ନେ କୁନେ, ଆନେଙ୍ଗ ନା ମିଚ ବାସଙ୍ଗ ନାଡିଙ୍ଗ ସୁନ୍ଦରିନେ ସଙ୍ଗୋଡେଇଙ୍ଗ ଉଡି ବାସଙ୍ଗଲାଡିଗ ଆମାନେକେ ଣ୍ଡୁ ଇଡିଙ୍ଗ ନ୍କେ ଆରି ଓ୍ୱେଚେ ରାଜାନେ କୁଣେଣ୍ଡେକେ ଆତ ଆରିଆ ସୋରତେକେ ବାସଙ୍କେ ମହାରାଜ ନାନେ ନାଉଙକେ ।**



ହାତ ଉଠାଇବି ନାହିଁ ।" ସୁନ୍ଦରୀ କହିଲା, "ମୁଁ ତୋର ସ୍ତ୍ରୀ ନୁହେଁ । ମୁଁ ସହଦେବ ରାଜାର ଏକମାତ୍ର ଝିଅ । ମୁଁ ତୋର କିପରି ସ୍ତ୍ରୀ ହେବି" । ସୁନ୍ଦରୀ ଛେଳି ଜଗା ପିଲାକୁ ଯେତେ ବୁଝାଇଲେ ମଧ୍ୟ ସିଏ ବୁଝିଲା ନାହିଁ । କହିଲା, 'ତୁ ମୋର ସ୍ତ୍ରୀ, ତୁ ମତେ ମିଛ କହି ଠକି ଦେଉଛୁ । ସୁନ୍ଦରୀର ସାଙ୍ଗସାଥି ଦାସୀଗଣ ଯେତେ ବୁଝାଇଲେ ମଧ୍ୟ ସେ ବୁଝିଲା ନାହିଁ । ଶେଷରେ ରାଗି ଯାଇ ରାଜଜେମାଙ୍କର ବାନ୍ଧବୀ କଲ୍ୟାଣୀ ରାଜାଙ୍କ ପାଖକୁ ଯାଇ ସବୁ କହିଲା । "ମହାରାଜ ତୁମର ଝିଅକୁ

ଆଣ୍ଡିନେ ରେମୁଆ ପାଂଚେ ନେଙ୍ଗ ସେଲାମ୍ବେ ଡାକଚେ ବାସଙ୍ଗ ଡିଙ୍ଗ କେ । କଲ୍ୟାଣୀ ସାମୁଆ ଅଃଛେ ରାଜା ଜ୍ୟା ଜ୍ୟା ମନ୍ତ୍ରୀ (ଦୂତ)ଙ୍କେ ସାଛେ ଲଣ୍ଡିଆ ଆଢ଼ା ନ୍ତୁଗ ଓ୍ୱେଛା ଆରକେ । ରାଜକେକା ଆକାନ ରେମୁଆ ମାନେଃ ଉଂଢ଼ା କେ ମାଃ ଦେକ ଜିକା ଟାଣା ଣ୍ଡିଙ୍ଗ ଣ୍ଡିଙ୍ଗ କେ । ରାଜା ଓ୍ୱେଚେ ପାଚାରେକେ "ଆରେ ବାବୁ, ନାଃ ଆଣ୍ଡିବା ନାପାଙ୍ଗ କେ ନା ଯାଣ୍ଡେ ଉଂଢ଼ା ନା ମାସା ନେଉଙ୍ଗ କେ ଜିକା ଟାଣା ଣ୍ଡିଙ୍ଗ ନାଡିଙ୍ଗ କେ । ନେଉଙ୍ଗ କେ ଆନ୍ତର ବେଃ ।" ଗଢ଼େଅଃ ବାସଙ୍ଗ କେ "ଣ୍ଡୁ ନେଙ୍ଗ ନେଙ୍ଗନେ କନ୍ନେ କେ ନେଙ୍ଗ ବଲେ ସେଁଏ ଲାଲା ଆନେଙ୍ଗ ବଲେ ଆବିଚେ ଗିନି ଆସୁଓ୍ୱେ ଛେ ଏଲ୍ୟା ଏଲ୍ୟା ଲୁଆଃକେ, ଉତିନଶା ରିସା ଲାଗେଲା ନେଙ୍ଗ ମାକେ ମୁଇଙ୍ଗ ଚାପୁଢ଼ା ୟକକେଃ ।



କେଉଁ ଦେଶର ଏକ ଲୋକ ଆସି ତାର ସ୍ତ୍ରୀ ବୋଲି କହୁଛି ।" କଲ୍ୟାଣୀର କଥା ଶୁଣି ରାଜା ସଙ୍ଗେ ସଙ୍ଗେ ସୈନ୍ୟ ସାମନ୍ତ ଧରି ଗାଡ଼ିଆ ତୁଠରେ ପହଂଚିଲେ । ରାଜା ଦେଖିଲେ, ଏ ଲୋକ ତାଙ୍କର ଝିଅକୁ ଟଣା ଓଟରା କରୁଛି । ରାଜା ପଚାରିଲେ " ଆରେ ବାବୁ, ତମେ କେଉଁଠୁ ଆସିଲ, ତୁମେ କାହାର ପୁଅ, କାହିଁକି ମୋ ଝିଅକୁ ଟଣା ଓଟରା କରୁଛ ? ମୋ ଝିଅକୁ ଛାଡ଼ିଦିଅ ।" ପିଲାଟି କହିଲା, "ନାଇଁ ମୁଁ ମୋର ସ୍ତ୍ରୀକୁ ଭାତ ମାଗିଲି ମତେ ଭାତ ନଦେଇ ଦାନ୍ତ ଦେଖାଇ ଖିଲି ଖିଲି ହସିଲା । ତେଣୁ ରାଗିଯାଇ ମୁଁ ତାକୁ ଗୋଟିଏ ଚଟକଣା ମାରିଲି ।

ମାଃ ଉତିନ ସାଃ ନେଙ୍ଗ ଉପରେ ରିସା ଡ଼ିଙ୍ଗ ଛେ ଡୁଆ ବ୍ୱା ଡ଼କେ ଆରି ବାସଙ୍ଗ ଣ୍ଡିଙ୍ଗ କେ ନେଙ୍ଗ ସହଦେବ ନେ ଉଙ ଣ୍ଡା । ମାଃ ଯାଣ୍ଡେ ନେ ଉଂଣ୍ଡା ଣ୍ଡୁ ନେଙ୍ଗ ନେ କନେ । ରାଜା ରିସା ୱ୍ୱେ ଚେ ଉତିନ ଗିମି ତୁରତିଆ ଗଡ଼େଅଃ କେ ଗାଗ୍ ଆରକେ । ମେଙ୍ଗେ୍ନ ରାଜା ନେ ବାଜାର ଡୁଙ୍ଗ ୱ୍ୱେ ଆରଗେ । ଆତ ଡାଗ୍ରା ମୁଇଙ୍ଗ ମ୍ନେହା ମିଟିଙ୍ଗ ଡ଼ିଙ୍ଗ କେ । ଗଡ଼େଅଃ କେ ମିଟିଙ୍ଗ ଡାଗ୍ରା ଡୁଙ୍ଗ 'ାଙ୍ଗ ଆରକେ । ମାକେ ଉଡି ସମଞ୍ଜାଲା ଡିଙ୍ଗ ଅସମାଜଜେକେ । ପଛେ ରାଜା ରିସା ଡିଙ୍ଗ ଛେ ବାସଙ୍ଗ କେ ଯେ ମା ବାହା ଆରି ନେଙ୍ଗ ନେ ବାହା ନ୍ତୁକ ପଗଡି ଗାକପା, ନେ ନିରିଙ୍ଗି ଏ । ଯାଣ୍ଡେ ନେ ପଗଡି ଆଣ୍ଡ୍ରି ଆ ଲଲା ମାକେ ନେଙ୍ଗ ନେ ନେଉଙ୍ଗ କେ ଟ୍ନି ଏ ।



ସେ ମୋ ଉପରେ ରାଗିଯାଇ ଘରୁ ପଳାଇ ଆସି କହୁଛି ମୁଁ ସହଦେବ ରାଜାର ଝିଅ । ସେ କାହାର ଝିଅ ନୁହେଁ, ସେ ମୋର ସ୍ତ୍ରୀ ।" ରାଜା ରାଗିଯାଇ ଛେଳି ଜଗା ପିଲାକୁ ବନ୍ଦୀ କଲେ । ତାଙ୍କ ଦରବାରକୁ ନେଇଗଲେ । ସେଠାରେ ଗୋଟିଏ ବଡ଼ ସଭା ହେଲା । ପିଲାଟିକୁ ସଭାକୁ ଅଣାଗଲା । ତାକୁ ଯେତେ କହିଲେ ମଧ୍ୟ ସେ ବୁଝିଲା ନାହିଁ । ଶେଷରେ ରାଜା ରାଗିଯାଇ କହିଲେ, "ତୋ ମୁଣ୍ଡରେ ପଗଡ଼ି, ମୋ ମୁଣ୍ଡରେ ପଗଡ଼ି ପିନ୍ଧି ଏକ ଯୁଦ୍ଧ ହେବ । ଯାହାର ପଗଡ଼ି ତଳକୁ ନ ଖସିବ ସୁନ୍ଦରୀକୁ ତାକୁ ଦାନ କରାଯିବ ।"

ତେଲା ଋଂ ବେଳା ରାଜାନେ ଗାଗ ବନେ ପଗଡ଼ି ଲୋ ଓ୍ୱେକେ । ରାଜା ଆରେ ଓ୍ୱେକେ । ରାଜା ଆରେଛେ ଡିଲାଣ୍ଡିଙ୍ଗ ଗିମି ତୁରତିଆ ଗଢ଼େଅଃ କେ ମାଁ ଉଙଣ୍ଡା କେ ବିବା ଡିଙ୍ଗ ବିକେ । ଆତେନେ ଦିନ ବା ମଣିପୁର ଦେଶନେ ରେମୁଆ ଇଂଙ୍ଗ ସୁନ୍ଦରୀ କେ ବିବା ଡିଙ୍ଗ ଛା ସାମାନ ପତର ରାଶିଙ୍ଗ ନେ ଆରମ ଡିଙ୍ଗ ଆରକେ । ବିବା ଡିଙ୍ଗ ଆଲୁ ଗ ଆରକେ । ଗିମି ତୁରତିଆ ଗଢ଼େଅଃ ସାରଦା ଣ୍ଡିଙ୍ଗ ଛେ ଡୁଆଁ ଉଇକ କେ । ସେଲାଙ୍ଗିରେ ଡୁଆଁ ଉଇଗ କେଲା ସେଲା କେ ଯବର ଲାକାଃ ଓ୍ୱେ କେ । ସେଲା ଲାକାଃ ଓ୍ୱେଛେ ସ୍ଲୁ ବୁନ୍ଦେ କକେ । ଗିମି ତୁରତିଆ ଗଢ଼େଅଃ ସୁନ୍ଦରୀ ନେ ଗାଗ ଡେ ବା ଯବର ସଲା ତାରଡିଙ୍ଗ କେ ମା ଏତାକେ ଯେ ଆକାନେ ସେଲ୍ଲା ମୁଏ ମାଣ୍ଡା ଣ୍ଡୁ ।



ହେଲେ ଯୁଦ୍ଧବେଳେ ରାଜାଙ୍କର ପଗଡ଼ି ଖସିଗଲା । ରାଜା ହାରିଗଲେ । ରାଜା ବାଧ୍ୟ ହୋଇ ନିଜର କନ୍ୟାକୁ ଛେଳି ଜଗା ପିଲା ସହିତ ବିବାହ ଦେବାକୁ ବାଧ୍ୟ ହେଲେ । ସେହିଦିନ ମଣିପୁର ରାଜ୍ୟରେ ସୁନ୍ଦରୀର ବିବାହ ପାଇଁ ଆୟୋଜନ କରାଗଲା । ବିବାହ ହେଲା । ଛେଳିଜଗା ପିଲା ମନ ଖୁସିରେ ଘରକୁ ଫେରିଲା । ଫେରିବା ବାଟରେ ସୁନ୍ଦରୀକୁ ବହୁତ ହାଲିଆ ଲାଗିଲା । ଥକି ପଡ଼ି ଗଛ ମୂଳରେ ବସି ପଡ଼ିଲା । ଛେଳି ଜଗା ପିଲାଟି ଦେଖିଲା ସୁନ୍ଦରୀ ଦେହରୁ ବେଶୀ ଝାଳ ବାହାରୁଛି । ସେ ଭାବିଲା ଏ ସ୍ତ୍ରୀଟା ଭଲ ନୁହେଁ ।

ଆକାଣେ ସାରାସା ନେଃ ସେଲ୍ଲାମ୍ନୁ ଡୁଇଙ୍ଗ ବନ୍ଧ କେ । ଦେଖ ଏତା ଡିଙ୍ଗ କେଲା ଉତିନ ଗାଳିକର ମୁଇଙ୍ଗ ରେମୁଆ ଅଃରେ ସାଛେ ସାନ୍ତା ଓ୍ୱେ ଡିଙ୍ଗ ଗେ । ମାକା ସେଲ୍ଲା କୁକୁ କେ "ଆରେ ବୁୟା ଅଃରେ ସାଛେ ଆଣ୍ଡି ଓ୍ୱେ ନାଡିଙ୍ଗ କେ ? ଆନେଙ୍ଗ ବିଲା, ନେଙ୍ଗ ନେ କନେକେ ଡୁଙ୍ଗ ଉଇଗ ଲା । ଆନେଗ ମିଚୁଆ ଡାଗ୍ରେଚ ଆବାବେ ଗେ । ଡେକ ବାସଙ୍ଗ ଛେ ଗିମି ତୁରତିଆ ଗଢ଼େଅଃ ଡୁଙ୍ଗ ଉଇଗକେ । ଅଃରେ ଆଣ୍ଡି ପାକା ଓ୍ୱେ ଏ ଉତିନ ପାକା ଯବର ଯବର ଏଗ ଡିଙ୍ଗ ଗେ । ଗିମି ତୁରତିଆ ଗଢ଼େଅଃ ଏତାକା ଅଃରେ ଏକନ ଏଗଲା ନେଗ ଆଣ୍ଡି ରୁନି କେମାକେ ଟଙ୍ଗ ସା ଡୁଙ୍ଗ ମ୍ବିଏ ।



ବେକାର ଏ ଝାଳ ବାହାରୁଥିବା ସ୍ତ୍ରୀକୁ ଆଣିଲି । ଏମିତି ଭାବୁଥିବା ସମୟରେ ଦେଖିଲା ଗୋଟେ ଲୋକ ଗାଈ ନେଇ ହାଟକୁ ଯାଉଛି । ତାକୁ ପଚାରିଲା, "ଆରେ ଭାଇ, ଗାଈ ନେଇ କୁଆଡ଼େ ଯାଉଛ ? " ଲୋକଟି କହିଲା, "ହାଟକୁ ଯାଉଛି ।" ତୁମର ଗାଈ ମୋତେ ଦିଅ, ମୋର ସ୍ତ୍ରୀକୁ ତୁମେ ନିଅ । ମୋତେ ମିଛ ବୋଲି ଭାବନି" । ଏହା କହି ଛେଳି ଜଗା ପିଲାଟି ତାର ସ୍ତ୍ରୀକୁ ତାକୁ ଦେଲା ଏବଂ ଗାଈଟି ନେଇଗଲା । ଗାଈଟି ଯେଉଁଆଡ଼େ ଗଲା ସିଆଡ଼େ ବେଶୀ ବେଶୀ ହଗିଲା । ପିଲାଟି ଭାବିଲା, ଏତେ ହଗିଲେ ମୁଁ ଯାକୁ କୁଆଡୁ ଘାସ ଆଣିଦେବି ।

ଉଙ୍ଗି ସ୍ଲୋ ଓ୍ୱେଗେ ପଛେ କେଗେ ଯେ ମୁଇଙ୍ ବାଆରେ ମୁଇଙ୍ ଗିମି ସାଛେ ଡୁଆଁ ଉଇଗ ଣ୍ଡିଙ୍ ଗେ । ଉତିନ୍ ରେମୁଆକେ ଆକାନ ଗଡାଅଃ ବାସଙ୍ଗ କେ ଆରେ ବୟାଃ ନା ଆଣ୍ଡି ଓ୍ୱେ ନାଡିଙ୍ କେ । ନାନେ ଗିମିକେ ଆନେଙ୍ ବିଲା ଆରି ନେଙ୍ଗନେ ଅଃରେ ନା ଡୁଙ୍ ଉଇଗ୍ଲା । ଏବେ କିମା ଗିମି ସାଗେ ଆରି ଡୁଆଁ ଉଇଗ୍ କେ । ଗିମି ଣ୍ଡିଗ୍ ଅଃରେ ସୁଗାଃ ଏଗ୍ ଏଗ୍ ଓ୍ୱଲେଙ୍ଗ କେ । ଉତିନ ଗଡେଅଃ ଚିନ୍ତା ଣ୍ଡିଙ୍ କେ ଯେ ନେଙ୍ କାପାଳେ ଲେଖା ଦେଖୁଆ ଲାକେ ଯେ ନେଙ୍ ଆଣ୍ଡି ଜିନିଷ ଆଶା ଣ୍ଡିଙ୍ଲା ଆନେଙ୍ ମାଣ୍ଡା ଣ୍ଡ । ଆରି ଉଡି ସ୍ଲୋ ଓ୍ୱେଗେ ପଛେ କେକା, ଗାଲି ମୁଇଙ୍ ବେବାରି ବାଇଗଣ ସାଛେ ସାନ୍ତାଃ ଓ୍ୱେ ଣ୍ଡିଙ୍ ଣ୍ଡିଙ୍ କେ ।



କିଛି ବାଟ ଯିବା ପରେ ଦେଖେ ତ ଗୋଟେ ଲୋକ ଛେଳି ନେଇ ଘରକୁ ଯାଉଛି । ସେହି ଲୋକକୁ ପୁଣି ପଚାରିଲା, "ଆରେ ଭାଇ ତୁମେ କୁଆଡ଼େ ଯାଉଛ ? ତୁମର ଛେଳି ମତେ ଦିଅ, ମୋର ଗାଇ ତମେ ନିଅ ।" ଏଥର ସେ ଛେଳିଟିଏ ନେଇ ଚାଲିଲା । ଛେଳିଟି ମଧ୍ୟ ଗାଈ ପରି ହଗି ହଗି ଚାଲିଲା । ସେ ଭାବିଲା ଯେ ଭାଗ୍ୟରେ ଏପରି ଅଛି ଯେଉଁ ଜିନିଷକୁ ଆଶାକଲେ ମଧ୍ୟ ଭଲନାହିଁ । ପୁଣି କେତେବାଟ ଗଲାପରେ ଦେଖିଲା, ବାଟରେ ଗୋଟିଏ ବେପାରୀ ବାଇଗଣ ଧରି ହାଟକୁ ଯାଉଥାଏ,

ବେବାର କାରିଆକେ ଗାଲିବ ଆତୁଆକେଁ "ଆରି ବାସଙ୍କେ ବୟାଃ ନାଃ ନେଙ୍ଗନେ ଗିମିକେ ଡୁଙ୍ଗ ଉଇଗ୍ ଲା । ଆନେଙ୍ଗ୍ ନାନେ ବାଇଗଣ ଦିଲା । ବେବାର କାରିଆ ସାରଦା ଣ୍ଡାଙ୍ଗ୍ ଛେ ଉତିନ ଗିମିକେ ଣ୍ଡୁଙ୍ଗ୍ ଇକକେ" । ବାଇଗଣ କେ ଉତିନ ଗିମି ତୁରତିଆନେ ଗଡେଅଃ କେ ବିବେକ । ଉଡି ସ୍ଲୋ ଓ୍ୱେଗେ ପଛେ ବାଇଗଣନେ ସରୁ ସରୁ ଗ୍ରେଅ । ଉତିନ୍ ଗଡେଅଃକେ ଠୋକେ । ଉତିନ୍ ଗଡେଅଃ କେ ଠୋ ଲା ଗଡେଅଃ ଯବର ରିସୋ ଣ୍ଡିଙ୍ଗ୍ଛେ ଉତିନ୍ ଗାଲି ଓ୍ୱେନେ ରେମୁଆ କେ ବାଇଗଣ ସାପା ବିଛେ ମାଂ ବାନ୍ ମୁଇଙ୍ଗ୍ କିସଃ କାସୁ ଡୁଙ୍ଗ ଓ୍ୱେଗେ । ମାଁ ଏକନ ବକୁଆ ଟା ଯେ ସାପା କାସୁକେ କିଆ ସୁଗାଃ ଉଡା ବେଗେ । ସାପା କାସୁ ଉଡେଓ୍ୱେଗେ ମାତ୍ର ମୁଇଙ୍ଗ୍ କାସୁଆ ଲାଗେ । ଉତିନ୍ ମୁଇଙ୍ଗ୍ କାସୁ ସାଛେ ଡୁଆଁ ଉଇଗ୍ କେ ।



ବେପାରୀକୁ ବାଟରେ ଅଟକାଇଲା, ଆଉ କହିଲା, "ଭାଇ ତୁମେ ମୋର ଛେଳିକୁ ନିଅ, ତୁମ ବାଇଗଣ ମତେ ଦିଅ ।" ଲୋକଟି ଖୁସି ହୋଇ ସେ ଛେଳିକୁ ନେଲା, ବାଇଗଣ ଛେଳି ଜଗା ପିଲାକୁ ଦେଇଦେଲା । କେତେଦୂର ଗଲା ବାଇଗଣର ମୁନିଆ କଂଟା ଦେହରେ ବାଜିବାରୁ ବିରକ୍ତରେ ସେ ବାଟରେ ଜଣକ ଘରେ ସବୁତକ ବାଇଗଣ ଦେଇଦେଲା ଆଉ କୁଳାଏ ଟଙ୍କା ନେଲା । ସେ ଏତେ ବୋକା ଯେ ଟଙ୍କାତକ ଧାନ ପରି ଖଳାରେ ଉଡ଼ାଇଦେଲା । ସବୁତକ ଟଙ୍କା ଉଡ଼ିଗଲା କେବଳ ଗୋଟିଏ ମାତ୍ର ଟଙ୍କା ରହିଲା ସେହି ଟଙ୍କାଟି ନେଇ ସେ ଘରକୁ ଫେରିଲା ।

ଉତିନ ଗଡେଅଃ ଇଆଁଣ୍ଡା କେ ସାପା ସାମୁଆଁ ବାସଙ୍ଗ କେ । "ମା ଇଆଣ୍ଡା ବାସଙ୍ଗ କେ ଯେ ରେମୁଆ ସିନା ବକୁଆ ଲା ଆରଗେ ନା ତ ସାପା ରୁନି ମେଃନା ବକୁଆ ନାଲା । ନିଜର ସେଲାମ୍ଧ ଏକେ ଆନନ୍ତର ନାପାଙ୍ଗ୍ କେ । ଧୋତରୁନି ଣ୍ଡିଆଣ୍ଡା ଓ୍ୱେଛେ ସାପା କାସୁ ସଃଛେ ଡୁଙ୍ଗ ଉଇକ୍ କେ । ଉତିନ କାସୁ ଡୁଙ୍ଗ୍ ଉଇଗ୍ ଛେ ଲିଜ ବ୍ରିରି, ଡୁଆସାରା, ଗିମିଅଃରେଃ ବିଆରକେ । ପଛେ ଡକରି ଇଆଙ୍ଗ୍ ଓ୍ୱଚେ ଉତିନ୍ ଗଡେଅଃନେ ସ୍ଲାମ୍ଧଏକେ ଓ୍ୱା ରାଙ୍ଗ୍ ଉଇକ୍ ସାଃ ଓ୍ୱକେ । କନେଣ୍ଡା ଉଇକ ପଛେ ମେଇଙ୍ଗ୍ ମାଣ୍ଡା ସୁଗା ବୁଆଁ ଆରକେ ।



ତାର ମାଆକୁ ସବୁ କଥା କହିଲା । ତା'ର ମାଆ ସବୁ କଥା ଶୁଣି କହିଲା, "ଲୋକମାନେ ସିନା ବୋକା ଥିଲେ, ହେଲେ ତୁ ଗୋଟେ ମସ୍ତବଡ଼ ବୋକା । ନିଜର ସ୍ତ୍ରୀକୁ ଛାଡ଼ି ଆସିଛୁ ।" ସେଇଠୁ ତାର ମାଆ ଗଲା ସବୁ ଟଙ୍କା ଗୋଟାଇ ଆଣିଲା । ସେହି ଟଙ୍କାରେ ଜମିବାଡ଼ି ଘରଦ୍ୱାର ଛେଳିମେଣ୍ଢା କିଣିଲା ଏବଂ ଶେଷରେ ତାର ବୁଢ଼ୀମା ଯାଇ ପୁଅର ସ୍ତ୍ରୀକୁ ଫେରାଇ ଆଣିବାକୁ ଗଲା । ତାର ସ୍ତ୍ରୀ ଆସିଲା ଦୁହେଁ ଖୁସିରେ ରହିଲେ ।

ପିଲାଙ୍କ କଥା

# ଡକରି ଆରି କଣ୍ଡାସିଆ ଉ ସ୍ରା
# (ବୁଢ଼ୀ ଓ ମାଙ୍କଡ଼ କଥା)

ମୁଇଙ୍ଗ ଏନି ନ୍ତୁକ ମାଲନୀ ଡକରା ଆରି ଡକରି ଲାଆଃ ଆରଗେ । ମେଇଙ୍ଗ କଣ୍ଡା ସିପା ଚେ ମେଇଙ୍ଗ ବ୍ରୁଆ ଡ଼ିଙ୍ଗ ଆରଗେ । କୁମୁଡା, ସରଲା, ସୁଆ, ଆକାନେ ଆବଲ୍ଲେ ଡ଼ିଙ୍ଗ ଆରଗେ । ମ୍ୱାର କୋଡି ଦଶଟା କଣ୍ଡାସିଆ ଆରି ଙ୍କ ଡକରା ନେ କଣ୍ଡା ଆବଲ୍ଲେ ବକେଣେ କିଆଁ, ସରଲା ଆକାନ ଡ଼ାଣ୍ଡ ଛଙ୍ଗ ସା ‘ାଙ୍ଗଣ୍ଡିଙ୍ଗ ଆରଗେ । ଉତିନ ସା ଡକରା ଆତୁଆ ଉର ଡ଼ିଙ୍ଗଗେ । କଣ୍ଡାସିଆ ଇଙ୍ଗ ଏତ ଆରକେ, ମାଁ ନେ ଣ୍ଡିଙ୍ଗ ପାଆ ? ଡକରା ଲେଗଲା ସିନା ଆନେକେ ଛଙ୍ଗ ସା ମଣ୍ଡା ଣ୍ଡିଙ୍ଗ ଏ । ଉତିବେଲା ଡକରା କେ ଲେମୁଆ ‘ାଙ୍ଗଏ, ଉତିନ ବେଲା ନେ କଣ୍ଡା ଭିତରେ ନେଗା ପା । ସତକେ ସତ ଏକନ ବେଲା ଡକରା କେ ଲେମୁଆ ପାଂକେ ଉତିନ ବେଲା କଣ୍ଡାସିଆ ଇଙ୍ଗ କଣ୍ଡା ଭିତରେ ଗା ଓ୍ୱେ ଆରଗେ ।



ଗୋଟିଏ ଗାଁରେ ବୁଢ଼ାବୁଢ଼ୀ ଥିଲେ । ସେମାନେ ଡ଼ଂଗର ଚାଷ କରି ବଂଚୁଥିଲେ । କୁମୁଡ଼ା, କାକୁଡ଼ି, ସୁଆଁ ଆଦି ଚାଷ କରିଥିଲେ । ସବୁଦିନ ପଚାଶଟା ମାଙ୍କଡ଼ ଓ ମୟୁର ବୁଢ଼ା ଡ଼ଂଗରର ଫସଲ ଖାଇବାକୁ ଆସୁଥିଲେ । ତେଣୁ ସେଠାରେ ବୁଢ଼ା ଜଗି ବସୁଥିଲା । ମାଙ୍କଡ଼ମାନେ ଭାବିଲେ, କଣ କରିବା ? ବୁଢ଼ା ଶୋଇଲେ ସିନା ଆମକୁ ଖାଇବାକୁ ସୁବିଧା ହୁଅନ୍ତା । ଠିକ୍ ଯେତେବେଳେ ବୁଢ଼ାକୁ ନିଦଆସିବ, ସେତେବେଳେ ଆମେ ଡ଼ଂଗର ଭିତରେ ପଶିବା । ସତକୁ ସତ ବୁଢ଼ାକୁ ସେତେବେଳେ ନିଦଆସିଲା ମାଙ୍କଡ଼ମାନେ ଡ଼ଂଗର ଭିତରେ ପଶିଲେ ।

ଗା ଓ୍ୱେ ଆରଗେ ଆରି ସରତେ 'ସଲ ଚଙ୍ଗଆଡାଚେ ଡ ଆରକେ । ଲମ୍‌ଡ଼ିଗ ଡକରା ଡୁଆ ଉଈଗ ଛେ ଡକରି କେ ପାବସଙ୍ଗ ଡାଗଲା ମ୍ୱାୟା ଯବର କିରମର ଡିଙ୍ଗ ଆରକେ । ଡକରି ବାସଙ୍ଗ କେ ଗିସିଆ ଙ୍କେ ଡିଲା ଣ୍ଡିଗ ବାଗୁଏ । ଡକରା ମୁଇଙ୍ଗ ବୁଦ୍ଧି ପାଞ୍ଚେ କେ । ବାସଙ୍କେ "ନା କଣ୍ଡା ଓ୍ୱେଲା ଆରି ଅଃ ଅଃ । ଗିସିଆଇଂଙ୍ଗ ସେଲ୍ଲାୟକୁକ କେ ନାବାସଙ୍ଗ ଏ ଡକରା କେ ଜାଡା ଡିଙ୍ଗ ଛେ ଗୁଓ୍ୱେ କେ ସୁଗା ଡିଙ୍ଗ ଲାଃକେ । ଆତେନ ଏଡିଙ୍ଗି ଡକରା ଡି ବାସଙ୍ଗ ବ ଗେ ଦେତେତେ ଡକରି କଣ୍ଡା ଓ୍ୱେଚେ ଅଃ କେ । ଅଃ କଣ୍ଡାସିଆ ଅଃ କଣ୍ଡା ଙ୍କ ଡକରା ଗୁଏ ଓ୍ୱଗେ ନେଗ ଡି ରକମ ମ୍ଯୁଆ ।



ଏବଂ ସବୁ ଫସଲ ଖାଇ ଶେଷ କରି ପଳାଇଲେ । ସନ୍ଧ୍ୟାରେ ବୁଢ଼ା ଘରକୁ ଯାଇ ବୁଢ଼ୀକୁ ଏଥା କହିବାରୁ ଦୁହିଁଙ୍କ ମଧ୍ୟରେ ଭିଷଣ କଜିଆ ଲାଗିଲା । ବୁଢ଼ୀ କହିଲା, ମାଙ୍କଡ଼ ମାନଙ୍କୁ ଯେମିତି ହେଉ ମାର । ବୁଢ଼ା ଗୋଟେ ଉପାୟ ପାଂଚିଲା । କହିଲା, ତୁ ଯା ଡଂଗର ପାଖରେ କାନ୍ଦିବୁ । ମାଙ୍କଡ଼ମାନେ ପଚାରିଲେ କହିବୁ ବୁଢ଼ାର ଝାଡା ହେଉଛି, ସେ ମରିଗଲା ପରି ପଡ଼ିଛି । ତା' ପରେ ବୁଢ଼ୀ ଡଙ୍ଗରକୁ ଯାଇ ବୁଢ଼ା କହିବା ଅନୁସାରେ କାନ୍ଦିଲା ।

"ହେ ଡଂଗର ମାଙ୍କଡ଼ । ହେ ଡଂଗର ମଂୟୁର । ବୁଢ଼ା ମରିଗଲା । ମୁଇଁ କିପରି ବଂଚିବି" ।

କଣ୍ଡାସିଆ 'ାଙ୍ଗ ଛେ ସେଲ୍ୟା କୁକ କେ । ଞା ମେଃ ଇନଶା ଅଃ ନାଡିଙ୍ଗ କେ ? ଡକରି ବାସଙ୍ଗ କେ ନେଡକରା କେ ଜାଡା ଡିଙ୍ଗଲା ମେଃ ଗୁଏ ବେ । ଗିସିଆ ଇଂଙ୍ଗ ଡକରା କେ କେନଶା ତାର ଆରକା । ଡକରି ଗିସିଆଙ୍କ ଆରି ଙ୍କ ଇଙ୍କେ ଢୁଆ ଓ୍ୱା ରାଙ୍ଗ ଉଇକ କେ । ଢୁଆ ଭିତରେ ଡକରି ସା ନୁଗ ଡିରା ଗୁଣ୍ଡ ଆଙ୍କେ ଆନ୍ତେ ଜକଲିକ ବ ଗେ । ଉତିନ ସରେତେ କେ ଛେ ଗିସିଆଇଙ୍ଗ ଏତାଛେ ଡକରା କେ ଜାଡା ଡିଙ୍ଗ ଲାକେ । ଗିସିଆ ଇଙ୍ଗ ଏତା ଆରକେ ଡକରା ଡିଲା ଣ୍ଡିଗ ଗୁଏ ଏ । ଡକରା ଢୁଆ ଭିତରେ ଲେଛେ ବାସଙ୍ଗ କେ ଗିସିଆ ଇଙ୍କେ ଉଆ ନେଙ୍ଗ ନେ ସରମୁଆ ଇକୁଡା କେ ଆରଏ ।



ମାଙ୍କଡ଼ ଓ ମୟୂର ମାନେ ଆସି ପଚାରିଲେ, ମା' କଣ ହେଲା କାହିଁକି କାନ୍ଦୁଛୁ ? ବୁଢ଼ୀ ଉତ୍ତର ଦେଲା "ଆମର ବୁଢ଼ାକୁ ଝାଡ଼ା ହେଉଛି, ସେ ମରିଯିବ ।" ମାଙ୍କଡ଼ ଓ ମୟୂର ମାନେ ବୁଢ଼ାକୁ ଦେଖିବା ପାଇଁ ବାହାରିଲେ । ବୁଢ଼ୀ ମାଙ୍କଡ଼ ଓ ମୟୂର ମାନଙ୍କୁ ଘରକୁ ଡାକି ନେଇଗଲା । ଘର ଭିତରେ ବୁଢ଼ୀ ଆଗରୁ ମାଣ୍ଡିଆ ଚୁନା ଏଣେତେଣେ ପକାଇ ଦେଇଥିଲା । ସେସବୁ ଦେଖି ସେମାନେ ଭାବିଲେ ବୁଢ଼ାର ଝାଡ଼ା ହେଉଛି ଓ ଭାବିଲେ ବୁଢ଼ା ନିଶ୍ଚୟ ମରିଯିବ । ବୁଢ଼ା ଘର ଭିତରେ ଶୋଇକରି କହିଲା, ମାଙ୍କଡ଼ ଓ ମୟୂର ମାନଙ୍କୁ ଡାକ ମୋର ମୁହଁ ଟିକେ ଦେଖନ୍ତୁ ।

ଗିସିଆ ଇଙ୍ଗ ଡକରା ଲେଗ ନ୍ତୁକ ଓ୍ୱେ ଆରକେ । ବାସଙ୍ଗ ଆରକେ ଡକରା ନାନେ ମେ ଡିଙ୍ଗ ଡିଙ୍ଗ କେ । ଡକରା ବାସଙ୍ଗ କେ ଅଃ ରେ ଗଡେଇଙ୍ଗ ଆନେଙ୍ଗ ଜାଡା ଡିଙ୍ଗଲା, ନେଙ୍ଗ ଗୁଓ୍ୱେ ଉଏ ଉଙ୍ଡ ଏ । ଆତେନ ଇଡିଙ୍ଗ ଡକରା, ଡାକରି କେ ଓ୍ୱାଚେ ବାସଂଙ୍କେ ନା ନେଙ୍ଗନେ ତଙ୍କେ ଡୁଙ୍ଗପାଙ୍ଗଲା ତଃ । ଡକରି, ଡକରା କେ ତଙ୍କେ ଢୁଙ୍ଗବିକେ । ଡକରା ଜ୍‌ୟା ଜ୍‌ୟା ତଡିଆଚେ ଆର ତନ ଢ଼ା ବିକେ ଆରି ତଙ୍କେ ଆତେ ସା'। ଗିସିଆଇଙ୍କେ ବଗ ବଗ ଛେ ଆଗୁଏ ବିକେ । ଆର ମୁଇଙ୍ଗ ମୁଇଙ୍ଗ ଗିସିଆକେ ବାରେ ଜକଲି କେ ଛେ ଓ୍ୱିକେ । ଉତିନ ଦିନବା ଡକରା ଡକରି ମାଣ୍ଡା କରି ଲା ଡିଙ୍କେ ।



ମାଙ୍କଡ଼ ଓ ମୟୂରମାନେ ବୁଢ଼ା ଶୋଇବା ଜାଗାକୁ ଗଲେ । ପଚାରିଲେ, "ହେ ବୁଢ଼ା ତୋର କଣ ହେଉଛି" ? ବୁଢ଼ା କହିଲା ହଁରେ ପିଲେ ମୋର ଝାଡ଼ା ହେଉଛି, ମୁଁ ମରିଯିବି । ତା'ପରେ ବୁଢ଼ୀକୁ ଡାକି କହିଲା, ତୁ ମୋର ମୁଷଳଟା ଆଣେ ତ । ବୁଢ଼ୀ ବୁଢ଼ାକୁ ମୁଷଳ ଆଣିଦେଲା । ବୁଢ଼ା ତୁରନ୍ତ ଉଠିକରି କବାଟ ବନ୍ଦ କରିଦେଲା ଏବଂ ମୁଷଳରେ ବାଡ଼େଇ ବାଡ଼େଇ ସବୁ ମାଙ୍କଡ଼ ଓ ମୟୂର ମାନଙ୍କୁ ମାରିଦେଲା ଏବଂ ଗୋଟି ଗୋଟି କରି ନେଇ ବାହାରେ ଫିଙ୍ଗିଦେଇ ଆସିଲା । ସେହିଦିନ ଠାରୁ ବୁଢ଼ା ବୁଢ଼ୀ ଡଂଗର ଚାଷ କରି ଖୁସିରେ ରହିଲେ ।

# ରାଜା ଆରି କଣ୍ଡା ନେ ଉସ୍ରା (ରାଜା ଓ ଝିଅ କଥା)

ଇନି ମୁଣ୍ଡେ ସେଲା ମୁଇଙ୍ଗ ଲା ଡିଙ୍ଗ ଗେ । ମାନେ ଜା ଣ୍ଡିଗ ଆଲେଗେ ମା କେଣେ ଯବର ସୁନ୍ଦରି ତେନ୍ନା ଡିଙ୍ଗ କେ । ସାପା ଦିନ ଉତିନ ଗାଳି ବିଚେ ରାଜା ଓ୍ୱେ ଣ୍ଡିଙ୍ଗ ଗେ ଆରି ସେଲା କେ କେ ଡିଙ୍ଗ ଗେ । ମୁଇଙ୍ଗ ଦିନ ନେ ସାମୁଆ । ରାଜା ଉତିନ ଗଡ଼େଅଃକେ ରାଣୀ ଆଡିଙ୍ଗ ନେ ବାସଙ୍ଗ କେ, ତେଲା ମା ରାଜି ଆଡିଙ୍ଗ କେ ଣ୍ଡୁ । ଆରି ମୁଇଙ୍ଗ ଦିନା ରାଜା ମେଇଙ୍ଗ ନେ ଇନି ରେମୁଆ କେ ଡୁଂ 'ାଙ୍ଗ ଛେ ଇନି ରେମୁଆ କେ ନୂଆଁ ବେ ଆରକେ ଆରି ଉତିନ ସେଲା କେ ଡୁଂ ଡଃ ଆରଗେ । ଉତିନ ଦିନ ବା ଉତିନ ସେଲା ରାନୀ ସୁଗା ଲାଗେ ।



ଗାଁ ଶେଷ ମୁଣ୍ଡରେ ଝିଅଟିଏ ରହୁଥିଲା । ତା'ର କେହି ନଥିଲେ । ସେ ଦେଖିବାକୁ ଖୁବ୍ ସୁନ୍ଦରୀ ଥିଲା । ପ୍ରତିଦିନ ସେହି ବାଟ ଦେଇ ରାଜା ଜଙ୍ଗଲକୁ ଯାଆନ୍ତି ଏବଂ ଝିଅଟିକୁ ଦେଖନ୍ତି । ଦିନକର କଥା । ରାଜା ଝିଅକୁ ରାଣୀ କରିନେବା ପାଇଁ କହିଲେ, ହେଲେ ସେ ରାଜି ହେଲାନାହିଁ । ତହିଁ ଆରଦିନ ରଜା ତାଙ୍କ ପଟୁଆର ଆଣି ଗାଁ ଲୋକଙ୍କୁ ଘଉଡାଇ ଦେଲେ ଏବଂ ଝିଅଟିକୁ ନେଇଗଲେ । ସେହିଦିନ ଠାରୁ ଝିଅଟି ରାଣୀ ହୋଇ ରହିଲା ।

ପିଲାଙ୍କ କଥା

# ଡୋକରା ଡୋକରୀ ଉସ୍ରା (ବୁଢ଼ାବୁଢ଼ୀ କଥା)

ମୁଇଙ୍ଗ କଣ୍ଡା ନ୍ତୁଗ ଡକରା ଡକରି ୟ୍ୟା ଲାଃ ଡିଙ୍ଗ ଆରଗେ । ମେଇଂନେ ସ଼ଁ। ଲାଗେ । କଣ୍ଡା, ଲାଟା, ବ୍ରି ସାଁ। ଲାଗେ ମାତର ଉଙ୍ଗ ଣ୍ଡା ଇଙ୍ଗ ଆଲା ଆରଗେ । ସୁବୁଦିନ ଡକରା ଗୁଆସାଃ ଉଗ ଛେ ବୁଷା ମିଆକେ । ଡକରି ମନ ଉନ୍ନା ଡିଙ୍ଗ ମିଆକେ, କେଲା ଆ ଗଃ ଗିସିଆ ବା ନ୍ସା ତେରେପେତେ ଡିଙ୍ଗ ମିଆରକେ ।



ଗୋଟିଏ ବଣରେ ବୁଢ଼ା ବୁଢ଼ୀ ଦୁଇଜଣ ରହୁଥିଲେ । ସେମାନଙ୍କର ସବୁକିଛି ଥିଲା, ଯେମିତିକି ଡଂଗର, ଜଙ୍ଗଲ, ଗଛ, ବଣପାହାଡ଼ ଇତ୍ୟାଦି, ମାତ୍ର ପିଲାପିଲି କିଛି ନଥିଲେ । ପ୍ରତିଦିନ ବୁଢ଼ା ସଲପ ପିଏ ଏବଂ ମାତାଲ ହୁଏ । ବୁଢ଼ୀ ମନ ଉଣା କରେ, ସବୁବେଳେ ପିଲାଟିଏ ପାଇବା ପାଇଁ ଚେଷ୍ଟା କରେ ।

ପିଲାଙ୍କ କଥା

ମୁଇଙ୍ଗ ଦିନ ସମୁଆ ଯେ ମାପ୍ରୁ ମୁସୁଡିଙ୍ଗ ନ୍ତୁକ ବାସଙ୍ଗ କେ ମୁଇଙ୍ଗ ମେନା କଣ୍ଡା (ଗଜିଆ କଣ୍ଡା) ପ୍ଲା ପାକାମୁଇଙ୍ଗ ଗଡ଼େଅଃ ଲାକେ ଓ୍ୱେଚେ ଡ୍ରୁଂ ଉଈଗ ଲାପା । ଆରି ମୁଇଙ୍ଗ ଦିନ ଡକରି ଜିର ଜିର ଓ୍ୱିର ଓ୍ୱିର ଓ୍ୱେ କେ ଆରି ଆତ ଓ୍ୱେଚେ କେକେ ସତେଆ ନାକା ମୁଇଙ୍ଗ ଗଡ଼େଅଃ କେ ଉରଲାଲାଗେ । ଡକରି ଆତ ଓ୍ୱେ ଓ୍ୱେ ନାକା ବାସଙ୍ଗ କେ ଯେ, ପେ ଆକାନେ ଗଡ଼େଅଃ କେ ଡୁଙ୍ଗ ଉଈଗ ଲା, ଆରି ଆମ୍ନ ପା । ନେଙ୍ଗ ଣ୍ଡିଗ ଆପେ ସାହାଜ ଣ୍ଡିଙ୍ଗ ଏ । ସବୁବେଳେ ନାକା ଗଡ଼େଅହକେ କେନ୍ସା ଉୟ ମିଆକେ । ଡକରି ଣ୍ଡିଗ ଗଡ଼େଅଃ ନେ ମା ଯତନ ଡୁଙ୍ଗ ଓ୍ୱେ ମୁଆକେ ଆରି ନିଜର ଉଙ ସୁଗା ଆମନା କେ ।



ଦିନକର କଥା, ଦେବୀ ତାଙ୍କୁ ସ୍ୱପ୍ନରେ କହିଲେ, ବଡ଼ ପାହାଡ଼ ପଛପଟେ ପିଲାଟିଏ ଅଛି ତାକୁ ଆଣ । ତହିଁ ଆରଦିନ ବୁଢ଼ୀ ସକାଳୁ ଧାଇଁଗଲା ଏବଂ ସତକୁ ସତ ଦେଖିଲା ସିଆଳଟିଏ ପିଲାଟିକୁ ଜଗି ବସିଛି । ବୁଢ଼ୀ ସେଠାକୁ ଯାଉ ଯାଉ ଶିଆଳ କହିଲା, ତୁମେ ପିଲାଟିକୁ ନିଅ ଓ ପାଳି ବଡ଼ କର । ମୁଁ ବି ତୁମକୁ ସାହାଯ୍ୟ କରିବି । ପ୍ରତିଦିନ ଶିଆଳ ପିଲାକୁ ଦେଖିଯାଏ । ବୁଢ଼ୀ ମଧ୍ୟ ପିଲାର ଯତ୍ନ ନେଲା ଏବଂ ନିଜର କରି ପାଳିଲା । ସେହି ଦିନ ଠାରୁ ସେମାନଙ୍କ ମନରେ ପୁଅ ନ ଥିବା ଦୁଃଖ ଦୂର ହେଲା ।

# ମୁଇଙ୍ଗ ଗ୍ଲୁଗ ଗଡେଅଃ ନେ ଡ ସ୍ରା
# (ପରୋପକାରୀ ପିଲାକଥା)

ମୁଇଙ୍ଗ ଇନି ଇଆଙ୍ଗ ଣ୍ଡା ଆର ଗଡ଼େଅଃ ଲା ଣ୍ଡି ଆରଗେ । ଗିମୀ ତୁରତିଆ ଛେ ବୃଆ ଡିଙ୍ଗ ଆରଗେ । ମୁଇଙ୍ଗ ଦିନ ଗଡ଼େଅଃ ମାମାଗୁଡା ଯାକ ଗିମୀ ଡୁଙ୍ଗ ଓ୍ୱେ ବଗେ । ଆତେ କେକେ ମୁଇଙ୍ଗ ଦଲ ରେମୁଆ ମୁଇଙ୍ଗ ଗୁସୁ କେ ଇକେଡା ସୁଆ ଜୀବନ ଲାଃ ସୁଗା ବାଗୁଏ ଛେ ଜକଲିଗ ବ ଅରଗେ । ଗଡ଼େଅଃ ବାସଙ୍ଗ କେ "ଆରେ ବାବୁ, ଯାଣ୍ଡେ ନେ ଗୁସୁକେ ବାଗୁଏ ଛେ ଜକଲିଗ ନାଡିଙ୍ଗ କେ । ମା ଗୁସୁ ଡାଗ୍ରା କଚେ ଏତାକେ, ଏକନ ସୁନ୍ଦର ଗୁସୁ ଗୁଏ ଲା ସିନା ଆତିଡିଙ୍ଗ ଏ । ଗୁସୁ କେ ଲିଗ ବିକେ ।



ମାଆଟିଏ ଓ ପୁଅଟିଏ ରହୁଥିଲେ । ଛେଳି ଚରେଇ ବଂଚୁଥିଲେ । ଦିନେ ପୁଅଟି ମାମାଗୁଡ଼ା ପର୍ଯ୍ୟନ୍ତ ଛେଳି ନେଇଗଲା । ସେଠି ଦେଖିଲା, ଦଳେ ଲୋକ ଗୋଟିଏ କୁକୁରକୁ ଅଧା ମରା କରି ଫିଙ୍ଗିଦେଲେ । ପିଲାଟି ପଚାରିଲା " ଆରେବାବୁ, କାହାର କୁକରକୁ ମାରି ଫିଙ୍ଗିଦେଉଛ ?" ସେ କୁକୁର ପାଖରେ ବସି ବିଚାର କଲା, ଏତେ ସୁନ୍ଦର କୁକୁର, ଇଏ ମରିଲେ ସିନା ପୋତାହେବ ।" ସେ କୁକୁରକୁ ଆଉଁଶି ଦେଲା ।

ପିଲାଙ୍କ କଥା

ଗୁସୁ ଇକୁଡା ଇକୁଡା ମୁଆ କେ କେ, ଗିମୀ ତୁରତିଆ ଗଡ଼େଅଃ ମାକେ ଜବର ସାରଦା ଆଡିଙ୍ଗ ଛେ ଡୁଆ ଡୁଇଉଇଗ କେ । ଇଆଣ୍ଡ ଣ୍ଡା କେ ବାସଙ୍ଗ କେ ଇଆଙ୍ଗ ଆକାନ ଗୁସୁ କେ ଣ୍ଡିଆ ଇକୁଡା ବି । ଗୁସୁ କେ ଚଙ୍ଗ ନେ ଉଗନେ ବିଚେ ମାଣ୍ଡା ଯତନ ଡିଙ୍ଗ ଛେ ବକେ । ଗୁସୁକେ ମାଣ୍ଡା କରି ବୁଆ ନେ ଲାଗେକେ । ମୁଇଙ୍ଗ ଦିନ ଗୁସୁ ବାସଙ୍ଗ କେ "ବୟାଃ ନେଙ୍ଗ ତ ଗୁୟ ଗୁଏ ଲା ଗୁଏ ମ୍ଵା ଉ । ନା ମାସା ନେଙ୍ଗ ନେ ଯତନ ଡିଙ୍ଗ ଛେ ବିଚଙ୍ଗ ନାଡିଙ୍ଗ କେ ନେଙ୍ଗ ନାନ ସା ମ୍ବର ଲା । ଆରି ମୁଇଙ୍ଗ ଦିନ ଗିରିଙ୍ଗ କେ ଇକେଡା ସୁଆ ଜୀବନ ଲାଃ ସୁଗା ବାଗୁଏ ଛେ ଜକଲିକ ବ ଆରଗେ ।



କୁକୁର ଟିକେ ଟିକେ ଆଖି ଖୋଲିଲା, ଛେଳିଜଗା ପିଲା ତାକୁ ଭାରି ଶ୍ରଦ୍ଧାରେ ଘରକୁ ଆଣିଲା । ମାଆକୁ କହିଲା, ମାଆ ଏ କୁକୁରକୁ ପାଣି ଟିକେ ଦିଅ । କୁକୁରକୁ ଖାଇବାକୁ ପିଇବାକୁ ଦେଇ ଖୁବ୍ ଯତ୍ନରେ ରଖିଲା । କୁକୁରଟି ଆନନ୍ଦରେ ବଢ଼ିବାକୁ ଲାଗିଲା । ଦିନେ ସେ କହିଲା, "ଭାଇ ମୁଁ ତ ମରିଥିଲି ମରି ଯାଇଥାନ୍ତି, ତୁମେ ଯତ୍ନ କରିବାରୁ ମୁଁ ବଂଚିଗଲି ।" ଆଉ ଦିନେ ବିରାଡ଼ିଟିଏ ଅଧା ମରା ହୋଇ ପଡ଼ିଥିଲା ।

**ଗିମି ତୁରତିଆ ଗଡ଼େଅଃ ମାକେ ଡିଙ୍ଗ ଡୁଙ୍ଗ ଫାଙ୍ଗ ଛେ ଯତନ ଣ୍ଡିଙ୍ଗ କେ । ମା ଣ୍ଡିଙ୍ଗ ବଳ ବାହାଚେ ମୁରହ କେ ଆରୀୟ ମା ନ୍ତୁକ ଲାଗେ । ଗିରିଙ୍ଗ ଆର ଗୁସୁ ମ୍ୱାୟା ସାଙ୍ଗ ଡିଙ୍ଗ ଛେ ଉତିନ ଗଡ଼େଅଃ ନ୍ତୁକ ଡାଗ୍ରା ଡାଗ୍ରା ଲାଃ ଆରଗେ । ଦିନକେ ଉତିନ ଗଡ଼େଅଃ ଗିମି ତୁରତିଆ ଓ୍ୱେଲା ମା ଏତେ ଗୁସୁ ଆର ଗିରିଙ୍ଗି ଓ୍ୱେ ମିଆକେ । ମୁଇଙ୍ଗ ଦିନନେ ସାମୁଆ, ଗୁସୁ ମୁଇଙ୍ଗ କାଡା କେ ବଗୁଏଛେ ଡୁଙ୍ଗ ଉଇକ କେ ଉତିନ କେ ଛେ ଗିମି ତୁରତିଆ ଗଡ଼େଅଃ ଜବର ସାରଦା ଡିଙ୍ଗ କେ ।**



ଛେଳି ଜଗା ପିଲା ତାକୁ ପାଇ ଆଣି ଯତ୍ନ କଲା । ସେ ମଧ୍ୟ ଆଦର ପାଇ ବଂଚିଗଲା ଏବଂ ତା' ପାଖରେ ରହିଲା । ବିରାଡ଼ି ଓ କୁକୁର ଦୁହେଁ ସାଙ୍ଗ ହୋଇ ବଂଚିଲେ ଏବଂ ପିଲାଟିର ପାଖେ ପାଖେ ରହିଲେ । ପ୍ରତିଦିନ ସେ ଛେଳି ଚରାଇବାକୁ ଗଲେ ଏ ଦୁହେଁ ତା ସାଂଗରେ ଯା'ନ୍ତି । ଦିନକର କଥା, କୁକୁରଟି ଗୋଟିଏ ଠେକୁଆ ଶିକାର କରି ଆଣିଲା । ଏହା ଦେଖି ଛେଳିଜଗା ପିଲା ଖୁବ୍ ଖୁସି ହୋଇଗଲା ।

ପିଲାଙ୍କ କଥା

**କାଲାଆ ମା ଗୁସୁ କେ ସାଙ୍ ଆଡିଙ୍ଗ ଛେ ରାଉଏ । ମୁଇଙ୍ଗ ତର ଗିରିଙ୍ଗି ଆର ଗୁସୁ ଏତା ଆରକେ ନେ ଣ୍ଡିଗ ଗିମି ତୁରତିଆ ଗଡ଼େଅଃ କେ ଡିଡି ସାକାର ନେରଡିଙ୍ଗ । ୟାୟା ଆତରୁଣୀ ତାହାର ଆରକେ । ଗାଲି ଓ୍ୱେ ଓ୍ୱେ କିକେ ଆରକେ ମୁଇଙ୍ଗ ସ୍ଲେ ରେମୁଆ କଛେ ଜପ ଡିଡି ଇଙ୍ଗ ଡିଙ୍ଗ କେ । ମା ନ୍ତି ନ୍ତୁକ ମୁଇଙ୍ଗ ହୀରା ଓ୍ୱାରତି ମାଣ୍ଡା ଚିକ ଡିଙ୍ଗ କେ । ଆଟାତ ଗୁସୁ ଉତିନେ ଓ୍ୱାରତି କେ ଆଛେ ଡକେ ।**



ପ୍ରତିଦିନ ସେ କୁକୁରକୁ ତା ସାଂଗରେ ନିଏ । ଥରେ ବିରାଡ଼ି ଓ କୁକୁର ଭାବିଲେ, ଆମେ ଆମ ଛେଳିଜଗା ଭାଇକୁ କିପରି ଧନୀ କରିବା । ଦୁହେଁ ସେଇଠୁ ବାହାରି ପଡ଼ିଲେ । ବାଟରେ ଯାଉଁ ଯାଉଁ ଦେଖିଲେ ଋଷିଟିଏ ତପସ୍ୟା କରୁଛି । ତା ହାତରେ ଗୋଟିଏ ହୀରା ମୁଦି ଚକ୍ ଚକ୍ କରୁଛି । କୁକୁର ତାର ଛେଳିଜଗା ଭାଇର ଦୁଃଖ ଋଷିଙ୍କୁ ଜଣାଇଲା । ଋଷି ମୁଦିକୁ ଦେଇ କହିଲା

ଉତିନ ୱ୍ୱାରତି ଯାଣ୍ଡେ ତାହାଙ୍ଗ ଏ ମା ସାକାର ଡିଙ୍ଗ ଏ । ଗିମି ତୁରତିଆ ଗଡ଼େଅଃ ଉଡିବେଲା ଗୁସୁ ରଣି ୱ୍ୱାରତି ଡୁଙ୍ଗ ୱ୍ୱେ ଛେ ତାହାଙ୍ଗ କେ, ମାନେ ଦନ ସମ୍ପତି ଲେଗା ଲେଗା ମେନା ୱ୍ୱେଗେ । ଲିଜ ବିରି, ଅଃରେବୁଂଟି ସାପା ଲେଗା ଲେଗା ମେନ୍ନା ନେ ଲଗେକେ । ମା ସାକାର ଡିଙ୍ଗ ୱ୍ୱେଗେ । ମା ନ୍ତୁକ ଗୁସୁ ଆର ଗିରିଙ୍ଗି ମାଣ୍ଡା ଲ ଆରକେ ।



ସେ ମୁଦିକୁ ଯିଏ ପିନ୍ଧିବ ସେ ଧନୀ ହେବ । ଛେଳିଜଗା ପିଲା ଯେତେବେଳେ କୁକୁରଠୁ ମୁଦିଟି ନେଇ ପିନ୍ଧିଲା, ତାର ଧନ ସମ୍ପତି ଆସ୍ତେ ଆସ୍ତେ ବଢ଼ିବାକୁ ଲାଗିଲା । ଜମିବାଡ଼ି, ଛେଳି, ଗୋରୁଗାଈ ସବୁ ବଢ଼ି ଚାଲିଲେ । ସେ ଧନୀ ହୋଇଗଲା । ତା ପାଖରେ କୁକୁର ଓ ବିରାଡ଼ି ଛେଳିଜଗା ଭାଇ ସହ ଖୁବ୍ ମଜାରେ ରହିଲେ ।

ପିଲାଙ୍କ କଥା

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର